# ଧାଡ଼ି ପହଣ୍ଡିରେ ଶ୍ରୀଜୀଉ ହେଲେ ରଥାରୂଢ଼



ଶ୍ରୀବଳଦେବଜୀଉଙ୍କୁ ସେବାୟତମାନେ ପହଣ୍ଡିରେ ରଥକୁ ନେଉଛନ୍ତି।



ବ୍ରହ୍ମ ତାଳଧ୍ୱଜ ରଥରେ ଶ୍ରୀଜୀଉଙ୍କୁ ଶ୍ରଦ୍ଧାଳୁ ଦର୍ଶନ କରୁଛନ୍ତି।

## ଦକ୍ଷିଣମୋଡ଼ ହେଲା ବ୍ରହ୍ମ ତାଳଧ୍ୱଜ ରଥ

କେନ୍ଦ୍ରାପଡ଼ା,୧୫।୭(ଜଗନ୍ନାଥ ଧଳ)

ତୁଳସୀକ୍ଷେତ୍ରର କ୍ଷେତାଧିପତି ଶ୍ରୀବଳଦେବଜୀଉଙ୍କ ମନ୍ଦିରକୁ ବାହୁଡ଼ାଯାତ୍ରା ସୋମବାର ଆରମ୍ଭ ହୋଇଛି। ବାହୁଡ଼ା ଦଶମୀରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସକାଳ ୬ଟାରେ ଇଚ୍ଛାପୁରସ୍ଥ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି କରାଯାଇଥିଲା। ସାଢେ ୮ଟାରେ ଗୋପାଳବଲ୍ଲଭ ଧୂପ, ମଧ୍ୟାହ୍ନରେ ଖେଚୁଡ଼ି ଭୋଗ ପରେ ସେନାପଟା ଲାଗି ହୋଇଥିଲା। ପୂର୍ବାହ୍ନ ୧୦ଟାରେ ଶ୍ରଦ୍ଧାଳୁ ଓ ଜିଲା ପୋଲିସ ବାହିନୀ ବ୍ରହ୍ମ ତାଳଧ୍ୱଜ ରଥକୁ ଦକ୍ଷିଣମୋଡ଼ କରିଥିଲେ। ସନ୍ଧ୍ୟା ୬ଟାରେ ମନ୍ଦିରର ବାହୁଡ଼ା ଦ୍ୱାର ବାଟ ଦେଇ ଧାଡ଼ି ପହଣ୍ଡରେ ଶ୍ରୀଜୀଉଙ୍କୁ ରଥାରୂଢ଼ କରାଯାଇଥିଲା। ଅନ୍ୟାନ୍ୟ ରୀତିନୀତି ଅନୁଯାୟୀ ଆଳତି ଓ ପୂଜାର୍ଚ୍ଚନା ହୋଇଥିଲା। ଶ୍ରୀଜୀଉଙ୍କ ରଥଟଣା ମଙ୍ଗଳବାର ଅପରାହ୍ନ ୨ଟାରେ ହେବ ବୋଲି ଶ୍ରୀଜୀଉଙ୍କ ସେବାୟତ ଲଳିତ କୁମାର କର ସୂଚନା ଦେଇଛନ୍ତି। ଟ୍ରଷ୍ଟି ବଳରାମ ସୁଆର, ରଞ୍ଜନ କୁମାର ପୃଷ୍ଟି, ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, କାଉନସିଲର କାଳିପ୍ରସାଦ ମିଶ୍ର, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଶ୍ରଦ୍ଧାଳୁଙ୍କ ଗହଳି ଥିବାରୁ ମନ୍ଦିର ଓ ରଥଦାଣ୍ଡରେ ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲିକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

## ବାହୁଡ଼ିଲେ ତମାଳ ଶାସନର ଶ୍ରୀଦଧିବାମନ ଜୀଉ

କେନ୍ଦ୍ରାପଡ଼ା,୧୫।୭(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ତମାଳ ଶାସନସ୍ଥିତ ଶ୍ରୀଦଧିବାମନ ଜୀଉଙ୍କ ବାହୁଡାଯାତ୍ରା ସୋମବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି।ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରା ଶେଷରେ ଶ୍ରୀଜୀଉ ବୀର ବେଶ ଧାରଣକରି ଶ୍ରଦ୍ଧାଳୁଙ୍କ ଦର୍ଶନ ଦେଇଛନ୍ତି। ମାଉସୀ ମା' ମନ୍ଦିରର ରୀତିନୀତି ଅନୁଯାୟୀ ସକାଳୁ ପହଡ଼ ଫିଟାଯାଇ ଆଡ଼ପ ମଣ୍ଡପରେ ମଙ୍ଗଳ ଆଳତି କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ସେନାପଟା ଲାଗି ହୋଇଥିଲା। ସେବାୟତମାନେ ଶ୍ରୀଜୀଉଙ୍କୁ ଧାଡ଼ି ପହଣ୍ଡିରେ ନେଇ ରଥାରୂଢ଼ କରିଥିଲେ। ରଥ ଉପରେ ଶ୍ରୀଜୀଉଙ୍କ ବୀର ବେଶ ହୋଇଥିଲା। ବଡ଼ପଣ୍ଡା ସତ୍ୟାନନ୍ଦ ମିଶ୍ର ଛେରାପହଁରା କରିଥିଲେ। ଟ୍ରଷ୍ଟି ଦେବାଶିଷ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ସାହୁ, ଉମାକାନ୍ତ ମିଶ୍ର, ଶ୍ରୀଧର ସ୍ୱାଇଁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। କିଶୋର ଚନ୍ଦ୍ର ମିଶ୍ର, ତ୍ରିଲୋଚନ ମିଶ୍ର, ଅକ୍ଷୟ ମିଶ୍ର, ରାଜକିଶୋର ମିଶ୍ର, ଶରତ ଚନ୍ଦ୍ର ମିଶ୍ର, ନିତ୍ୟାନନ୍ଦ ମିଶ୍ର, ସୁମନ୍ତ ମିଶ୍ର ପ୍ରମୁଖ ଶ୍ରୀଜୀଉଙ୍କୁ ରଥ ଯାଏ ପହଣ୍ଡିରେ ନେଇଥିଲେ।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ରାଜନଗର, ୧୫।୭ (ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ ଘଡିଆମାଳ ଗାଁର ଲକ୍ଷ୍ମୀଧର ପ୍ରଧାନଙ୍କ ପୁଅ ରାଜୀବ (୩୨) ରବିବାର ରାତି ୯ଟାରେ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ନିଜ ଘର ସିଡିର ରେଲିଂରେ ଲୁଗାକୁ ବେକରେ ଗୁଡାଇ ଆତ୍ମହତ୍ୟା କରିଛନ୍ତି। ରାଜୀବ ରାଜ୍ୟ ବାହାରେ ଦାଦନ ଭାବେ କାମ କରନ୍ତି। ସେ ଏକମାସ ହେବ ଘରକୁ ଫେରିଥିଲେ। ସେ ବିବାହ କରିନାହାନ୍ତି। ତାଙ୍କ ମୃତ୍ୟୁର କୌଣସି କାରଣ ଜଣାପଡିନାହିଁ। ତାଙ୍କ ମୃତ୍ୟୁ ଖବରପାଇ ଘଡିଆମାଳ ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ରାକେଶ ନାୟକ, ସୁଦର୍ଶନ ପ୍ରଧାନ, ବାଇଧର ତାଡୁ, ଲକ୍ଷ୍ମୀଧର ବିଶ୍ୱାଳ ପ୍ରମୁଖ ରାଜୀବଙ୍କ ଘରେ ପହଞ୍ଚି ପରିବାରକୁ ସାନ୍ତ୍ୱନା ଦେଇଛନ୍ତି। ଏହି ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସନ୍ଧ୍ୟାରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଝିଅର ନାମକରଣ ଦିବସରେ ଚାରା ବଣ୍ଟନ

ଆଳି,୧୫।୭ (ବନମାଳୀ ସେନାପତି)

ଝିଅର ଏକୋଇଶିଆ ନାମକରଣ ଦିବସରେ ନିମନ୍ତ୍ରିତ ଅତିଥି ଓ ଗ୍ରାମବାସୀଙ୍କୁ ଚାରା ବାଣ୍ଟିଛନ୍ତି ଯୁବ ସାମାଜିକ କର୍ମୀ ସଞ୍ଜୟ କୁମାର ପରିଡ଼ା। ଏଭଳି କାର୍ଯ୍ୟ ଆଳି ବ୍ଲକ୍ ଅନ୍ତର୍ଗତ ମାଣିକପାଟଣା ଗ୍ରାମର ହୋଇଛି। ସାରା ବିଶ୍ୱରେ ଗ୍ଲୋବାଲ ୱାର୍ମିଂର ଆଶଙ୍କା ବଢୁଥିବା ବେଳେ ଓ ପରିବେଶ ବଞ୍ଚାଇବା ପାଇଁ ଗଛ ଲଗାଇବାକୁ ଚେଷ୍ଟା କରୁଛନ୍ତି। ସେହିକଥାକୁଚିନ୍ତାକରିସଞ୍ଜୟ ନିଜ ନବଜାତ ଶିଶୁ କନ୍ୟାର ଏକୋଇଶିଆ ନାମକରଣ ଦିବସରେ ଏକ ନିରାଡ଼ମ୍ବର ଉତ୍ସବ ପାଳନ କରିବା ସହ ଗ୍ରାମବାସୀ ଓ ନିମନ୍ତ୍ରିତ ଅତିଥିଙ୍କୁ ଗଛ ଚାରା ବାଣ୍ଟିଛନ୍ତି। କେବଳ ଗଛ ଚାରା ବଣ୍ଟନ କରିନାହାନ୍ତି କିଭଳି ଭାବରେ ଗଛ ଚାରାଗୁଡିକ ବଞ୍ଚିବ, ପରିବେଶ ସୁରକ୍ଷାରେ ସହଯୋଗ କରିପାରିବ ବୋଲି ମଧ୍ୟ ସେ ବିଷୟରେ ଚିନ୍ତା କରିଛନ୍ତି। ବିଗତ ଦିନରେ ତାଙ୍କ ଉଦ୍ୟମରେ ଅଞ୍ଚଳର ଯୁବସାଥୀଙ୍କୁ ନେଇ ସାଥୀ ଫାଉଣ୍ଡେଶନ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନକରି ସମାଜର ଦୁଃସ୍ଥ ଅସହାୟ ଲୋକମାନଙ୍କୁ ସହଯୋଗ କରି ଚାଲିଛନ୍ତି। ସଞ୍ଜୟଙ୍କର ଏହିଭଳି ଏକ ନିଆରା କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଜନ୍ମବେଦିରୁ ରତ୍ନବେଦିକୁ ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତି

### ପଞ୍ଚାମୁଣ୍ଡାଇର ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା

ପଞ୍ଚାମୁଣ୍ଡାଇ,୧୫।୭ (କଳ୍ପତରୁ ନାୟକ)

ପଞ୍ଚାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ପବିତ୍ର ବାହୁଡ଼ାଯାତ୍ରା ସୋମବାର ସମ୍ପନ୍ନ ହୋଇଛି। ମାଉସୀ ମା' ମନ୍ଦିରରେ ୯ଦିନ ରହଣି ପରେ ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥ ଜନ୍ମବେଦିରୁ ରତ୍ନବେଦିକୁ ଫେରିଛନ୍ତି। ମନ୍ଦିରର ସେବାୟତମାନେ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା କରି ପାଛୋଟି ଆଣିଛନ୍ତି।

ପଞ୍ଚାମୁଣ୍ଡାଇ ବକ୍ତାରପୁର ମାଉସୀ ମା' ମନ୍ଦିରରୁ ସୋମବାର ଦ୍ୱିପ୍ରହରରେ ପ୍ରଭୁ ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ଜଗତରନାଥ ଶ୍ରୀଜଗନ୍ନାଥଙ୍କୁ ପାରମ୍ପରିକ ରୀତିରେ ଯଥାବିଧି ପୂଜାର୍ଚ୍ଚନା କରାଯାଇ ରଥାରୂଢ଼ କରାଯାଇଥିଲା। ହରପାର୍ବତୀ ମନ୍ଦିରରୁ ଆଜ୍ଞାମାଳ ପହଞ୍ଚିବା ପରେ ବିଧିବଦ୍ଧ ଭାବେ ସାଢ଼େ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ବକ୍ତାରପୁର ମାଉସୀ ମା' ମନ୍ଦିରରୁ ରଥାରୂଢ଼ ହୋଇଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଶ୍ରଦ୍ଧାଳୁମାନେ ଘଣ୍ଟ, ହରିବୋଲ, ହୁଳହୁଳି ମଧ୍ୟରେ ରଥକୁ ଟାଣି ଟାଣି ସାଢ଼େ ୬ ଟାରେ ପତିତପାବନ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚାଇଥିଲେ। ପ୍ରଭୁଙ୍କ ରଥଯାତ୍ରା ଚାଲିଥିବା ବେଳେ ରାସ୍ତାର ବିଭିନ୍ନ ସ୍ଥାନରେ ରୁଣ୍ଡ ଭକ୍ତ ଦିଅଁ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ପୋଖରିଆପଡ଼ା ପତିତପାବନ ଜୀଉଙ୍କ ବାହୁଡାଯାତ୍ରା ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା। ମାଉସୀ ମା' ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ପତିତପାବନ ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ, ସମ୍ପାଦକ ନରହରି ଲେଙ୍କା, ତ୍ରୈଲୋକ୍ୟ ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ବାହୁଡ଼ାଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ପଞ୍ଚାମୁଣ୍ଡାଇ ଥାନା ଆଇଆଇସି ରଞ୍ଜିତ ମହାନ୍ତିଙ୍କ ସମେତ ସ୍ଥାନୀୟ ପୋଲିସ ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲା। ବହୁ ଦୂରଦୂରାନ୍ତରୁ ରଥ ଟାଣିବା ପାଇଁ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ସେହିପରି ବାଲିପାଟଣା, ବେଲତଳ, ତନୁପୁର, ଅମୃତମଣୋହି, ବିଲିକଣା, ଜଗନ୍ନାଥପୁର ଓ କଖାରୁଣୀ ଗ୍ରାମରେ ଆନନ୍ଦଉଲ୍ଲାସର ସହିତ ମହାପ୍ରଭୁଙ୍କ ବାହୁଡାଯାତ୍ରା ପାଳିତ ହୋଇଯାଇଛି।



ଶ୍ରୀଜୀଉଙ୍କୁ ଶ୍ରଦ୍ଧାଳୁମାନେ ଟାଣି କି ନେଉଛନ୍ତି।

## ଓଁକାର କ୍ଷେତ୍ରରେ ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା

ଡେରାବିଶ,୧୫।୭
(ବେବର୍ତ୍ତା ଅଜୟ ଦାସ)



କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଓଁକାର କ୍ଷେତ୍ରରୂପେ ପରିଚିତ ଓଲକଣା ମେଳନ ପଡ଼ିଆରେ ରଥାରୂଢ଼ ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ତେବେ ସନ୍ଧ୍ୟା ସୁଦ୍ଧା ରଥ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ଅରୁଣ ସ୍ତମ୍ଭ ନିକଟରେ ପହଞ୍ଚିଛି। ଶ୍ରୀଗୁଣ୍ଡିଚା ତିଥିରେ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ରଥାରୂଢ଼ ହୋଇ ସ୍ଥାନୀୟ ଅରାଖଣ୍ଡଠାରେ ଭକ୍ତ ବିଦୁରଙ୍କ ମନ୍ଦିରରେ ଥିବା ମାଉସୀ ମା' ମନ୍ଦିରକୁ ଯାଇଥିଲେ। ନବଦିନ ଯାତ୍ରା ପରେ ପୁଣି ମନ୍ଦିରକୁ ଶ୍ରୀଜୀଉମାନେ ପ୍ରତ୍ୟାବର୍ତ୍ତନ କରିବା ଆରମ୍ଭ କରିଛନ୍ତି। ମଙ୍ଗଳବାର ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହେବାକୁ ଥିବାବେଳେ ବୁଧବାର ନୀଳାଦ୍ରି ବିଜେ ହେବ ବୋଲି ମନ୍ଦିର ପରିଚାଳନା ପରିଷଦର ସମ୍ପାଦକ ଜଗବନ୍ଧୁ ସାହୁ ସୂଚନା ଦେଇଛନ୍ତି। ଚଳିତବର୍ଷ ରଥଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ଡେରାବିଶ ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା ବ୍ୟବସ୍ଥା ରକ୍ଷା କରାଯାଇଥିଲା।

## ହ୍ୟୁମାନ ରାଇଟ୍ସ କର୍ମକର୍ତ୍ତା ପରିଚୟ ଦେଇ ଚାନ୍ଦା ମାଗିବା: ଥାନାରେ ଅଭିଯୋଗ

ରାଜନଗର, ୧୫।୭
(ଭାସ୍କର ରାଉତରାୟ)

ନିଜକୁ ଆରଟିଆଇ ସେଲ ଓ ହ୍ୟୁମାନ ରାଇଟ୍ସ ବା ମାନବ ଅଧିକାର କମିଶନଙ୍କ କର୍ମକର୍ତ୍ତା ଭାବେ ପରିଚୟ ଦେଇ ଚାନ୍ଦା ମାଗୁଥିବା ନେଇ ସୋମବାର ରାଜନଗର ଥାନାରେ ଅଭିଯୋଗ ହୋଇଛି। ତୁମେ ଠିକାକାମ କରୁଛମାନେ ଆମକୁ ଚାନ୍ଦା ଦେବାକୁ ପଡିବ, ନଚେତ ତୁମ କାମର ଆରଟିଆଇ ମାଗିବୁ, ତୁମକୁ ହଇରାଣ କରିବୁ, ବିଲ କରାଇ ଦେବୁ ନାହିଁ କହି ଧମକ ଦେବା ସହ ଚାନ୍ଦା ମାଗିବା ଘଟଣା ସମଗ୍ର କେନ୍ଦ୍ରାପଡା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ରାଜନଗର ଥାନାରେ ହୋଇଥିବା ଅଭିଯୋଗ ମୁତାବକ ଈଶ୍ୱରପୁର ପଞ୍ଚାୟତ ଶିଳପୋଖରୀ ଗାଁର ସୋମନାଥ ବାରିକ ଓ ସାନବଡଗୋପାଳପୁର ପଞ୍ଚାୟତ ଜଗନ୍ନାଥପୁର ଗାଁର ପ୍ରମୋଦ କୁମାର ବଳଙ୍କ ସହିତ ଅନ୍ୟ ୨ଜଣ ଯୁବକ ଏକ କାରରେ ଆସି ରାଜନଗର-ତାଳଚୁଆ ରାସ୍ତାର ମଲିଆବୁଦା ଛକ ନିକଟରେ ରାଜନଗର ଗାଁର ପବିତ୍ର କୁମାର ସେଠୀଙ୍କ ବାଇକ୍ ଅଟକାଇ ଧମକ ଦେଇଛନ୍ତି। ତାଙ୍କ ବାଇକ୍ ଅଟକାଇ ସୋମନାଥ ଓ ପ୍ରମୋଦ ନିଜକୁ ହ୍ୟୁମାନ ରାଇଟ୍ସ ଓ ସୂଚନା ଅଧିକାର ଆଇନର କର୍ମକର୍ତ୍ତା ଭାବେ ପରିଚୟ ଦେଇଥିଲେ। ତୁମେ ରାଜନଗର ପଞ୍ଚାୟତର ହରିଜନପଡାରେ କାମ କରିଛ। ଆମକୁ ତୁମେ ଚାନ୍ଦା ଦେବାକୁ ପଡିବ। କାହିଁକି ଚାନ୍ଦା ଦେବି ବୋଲି ପବିତ୍ର କହିବାରୁ କେବଳ ତୁମେ ଏକା ନୁହେଁ, ରାଜନଗର ବ୍ଲକରେ ଯେତେ ଠିକାଦାର ସେମାନେ ଆମକୁ ଚାନ୍ଦା ଦିଅନ୍ତି। ତୁମେ ଚାନ୍ଦା ନ ଦେଲେ ତୁମ କାମର ଆରଟିଆଇ ମାଗିବୁ, ତୁମ କାମର ବିଲ କରାଇ ଦେବୁ ନାହିଁ ବୋଲି ଧମକ ଦେଇଥିଲେ। ଚାନ୍ଦା ଦେବାକୁ ସଫା ସଫା ମନା କରି ଦେବାରୁ ପବିତ୍ରଙ୍କ ଜାତି ନେଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ବେଶି ଗପିଲେ ଗାଡିରେ ଅନ୍ୟ ଯେଉଁ ଦୁଇଜଣ ଯୁବକ ବସିଛନ୍ତି, ସେମାନଙ୍କ ପାଖରେ ବନ୍ଧୁକ ଅଛି। ତୁମକୁ ଅପହରଣ କରିନେବା ସହ ପରିବାରକୁ ସଫା କରିଦେବାକୁ ଧମକ ଦେଇଥିଲେ। ପବିତ୍ର କୌଶଳକ୍ରମେ ସେମାନଙ୍କ କବ୍‌ଜାରୁ ଖସି ଆସି ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି।

## ରାଜନଗର ବ୍ଲକ ସବୁଜ ବାହିନୀ ବାର୍ଷିକୋତ୍ସବ

ରାଜନଗର, ୧୫।୭ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଅଗ୍ରଣୀ ସାମାଜିକ ସଙ୍ଗଠନ ସବୁଜ ବାହିନୀର ପ୍ରଥମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ସବୁଜ ବାହିନୀର ପ୍ରତିଷ୍ଠାତା ସୌରଭ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ, ରାଜନଗର ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଶାରଦା ପ୍ରସନ୍ନ ନାୟକ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଯୁବ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ରାଉତ, ଓଡ଼ିଆ ଚଳଚ୍ଚିତ୍ରର ହାସ୍ୟାଭିନେତା ଟୁକୁନା ଷ୍ଟାଇଲିସ୍ , ସୁମିତ ମହାପାତ୍ର ପ୍ରମୁଖ ଯୋଗଦେଇ ଚାରାରୋପଣ କରି ନିଜ ପାଇଁ ଗଛ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ୪୦ରୁ ଊର୍ଦ୍ଧ୍ୱ ସାମାଜିକ ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ରଙ୍ଗ ବଲ୍ଲଭ ଜେନା, ସମ୍ପାଦକ ସୁଶାନ୍ତ ସେଠୀ, ଉପସଭାପତି ସ୍ନେହାଶିଷ ଜେନା, ସହସମ୍ପାଦକ ବେବିଲତା ପାତ୍ର, ଉପଦେଷ୍ଟା ହେମ ମଞ୍ଜରୀ ନାୟକ, ଜ୍ୟୋସ୍ନାରାଣୀ ପ୍ରଧାନ, ଅର୍ପିତା ରାଉତ, ବିକାଶ ରାଉତ, ପ୍ରିୟ ରାଉତ, ପ୍ରକାଶ ସେଠୀ, ଶୈଳେସ ସ୍ୱାଇଁ, ସୁଦର୍ଶନ ପ୍ରଧାନ, ଚନ୍ଦନ ବେହେରା, କାର୍ତ୍ତିକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




## ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କୁ ଜଳ ବଣ୍ଟନ



ଆଳି, ୧୫।୭(ବନମାଳୀ ସେନାପତି)

ପବିତ୍ର ବାହୁଡା ଯାତ୍ରା ଅବସରରେ ସୋମବାର ପୁରୀ ବଡ଼ଦାଣ୍ଡରେ ଆଳି ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୌରହରି ସାହୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଜଳ ବଣ୍ଟନ କାର୍ଯ୍ୟ କରାଯାଇଛି। କୋଭିଡ ମହାମାରୀ ସମୟରୁ ଆଳି ବ୍ଲକ ତେଲିପାଟଣା ଗ୍ରାମର ଯୁବ ସାମାଜିକ କର୍ମୀ ସୁଶାନ୍ତ ସାହୁ ଅନେକ ଲୋକଙ୍କ ନିକଟରେ ଖାଦ୍ୟ ସାମଗ୍ରୀ ଓ ରାଶନ ସାମଗ୍ରୀ ଯୋଗାଇ ଦେଉଥିଲେ। ପରେ ତାଙ୍କ ବାପା ସ୍ୱର୍ଗତ ଗୌରହରିଙ୍କ ନାମରେ ଏକ ଅନୁଷ୍ଠାନ ଗଠନ କରି ବିଭିନ୍ନ ବର୍ଗର ଲୋକଙ୍କୁ ସହାୟତାର ହାତ ବଢାଉଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପୁରୀକୁ ବାହୁଡା ଯାତ୍ରା ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ତୃଷ୍ଣା ମେଣ୍ଟାଇବା ନିମନ୍ତେ ପାନୀୟ ଜଳର ବ୍ୟବସ୍ଥା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟ ପକ୍ଷରୁ ଶ୍ରୀକାନ୍ତ ମଲିକ, ଚିରଞ୍ଜିବି ବେହେରା, ସୁରଜ କୁମାର ମଲିକ, କାଳନ୍ଦୀ ପ୍ରସାଦ ସାହୁ, ବାଇନ ସାହୁ, ଅନିଲ ବେହେରା, ଦେବଶଙ୍କର ସାହୁ, ଜୀବନ ଜ୍ୟୋତି ମଲିକ, ଜୀବନ ବେହେରା, ଅମର ସାହୁ, ଧନେଶ୍ୱର ବେହେରା, ମନୋଜ ମଲିକ, ଗଣେଶ ବେହେରା, ଅମିୟ ପ୍ରସାଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର

- ୬୮ ଅଭିଯୋଗ ପଞ୍ଜୀକୃତ ହେଲା
- ବଙ୍ଗ ଭାଷାଭାଷୀ ଲୋକଙ୍କ ଅଭିଯୋଗ ଉପରେ ଗୁରୁତ୍ୱ

ମହାକାଳପଡ଼ା,୧୫।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ସୋମବାର କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ସଭାଗୃହରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୬୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ ପ୍ରତି ଅଭିଯୋଗର ଶୁଣାଣି କରିଥିଲେ। ବିଶେଷକରି ବ୍ଲକ୍‌ର ବଙ୍ଗ ଭାଷାଭାଷୀ ଅଞ୍ଚଳର ମୁଖ୍ୟ ସମସ୍ୟା ଜମିଜମା ଉପରେ ଗୁରୁତ୍ୱ ଦେଇଥିଲେ। ବଡିଘର, ଖରିନାସି, ଜମ୍ବୁ ଓ ରାମନଗର ପଞ୍ଚାୟତର ୬୫୦ରୁ ଅଧିକ ପରିବାରକୁ ୧୯୭୬ରେ ରାଜ୍ୟ ସରକାର ଜମି ପଟ୍ଟା ପ୍ରଦାନ କରିଥିଲେ। ହେଲେ ୨୦୧୧-୧୨ଠାରୁ ଉକ୍ତ ଜମିର ପାଉତି କାଟିବା ରାଜସ୍ୱ ବିଭାଗର ଅଧିକାରୀ ବନ୍ଦ କରିଥିଲେ। ଏ ନେଇ ବଙ୍ଗ ଭାଷାଭାଷୀ ଲୋକମାନଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଥିଲା। କାହିଁକି ପାଉତି କାଟିବା ବନ୍ଦ ହେଲା ସେ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ତରୁଣକାନ୍ତ କଞ୍ଜିଲାଲଙ୍କ ନେତୃତ୍ୱରେ ରନି ହାଲ୍‌ଦାର,ବଡିଘର ପଞ୍ଚାୟତ ସମିତି ସଭ୍ୟ କ୍ରିଷ୍ଣପଦ ମଣ୍ଡଳ, ବାଉଲ ଚନ୍ଦ୍ର ଦାସ , ମହାଦେବ ଦେବନାଥଙ୍କ ସମେତ ବହୁ ଲୋକ ଅଭିଯୋଗ କରିଥିଲେ। ଜିଲାପାଳ ଅଭିଯୋଗକୁ ଗୁରୁତ୍ୱାରୋପକରି କିପରି ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲରେ ଦଳ ସଫା କରିବା ପାଇଁ ସାମାଜିକ କର୍ମୀ ଦେବକାନ୍ତ ପଲାଇ ଅଭିଯୋଗ କରିଥିଲେ। ରାଶନ କାର୍ଡ , ପାନୀୟ ଜଳ ଯୋଗାଣ ସମସ୍ୟା , ଶିକ୍ଷା , ସ୍ୱାସ୍ଥ୍ୟ , ବନୀକରଣ , ପଞ୍ଚାୟତ ରାସ୍ତା ନିର୍ମାଣ , ଶିଶୁ ଖାଦ୍ୟ ଯୋଗାଣ , ବର୍ଷା ଦିନ ପୂର୍ବରୁ ନଦୀବନ୍ଧ ସୁରକ୍ଷା ଉପରେ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ତଥା ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ନିଲୁ ମହାପାତ୍ର , ଏସ୍‌ପି ସିଦ୍ଧାର୍ଥ କାଟେରିଆ , ଉଭୟ ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର , ପଲ୍ଲବୀ ପ୍ରିୟଦର୍ଶିନୀ , ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକ , ନଦୀ ତଟବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ କୁମାର ଦାଶ , ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ , ମାର୍ଶାଘାଇ ତହସିଲଦାର ତଥା ଭାରପ୍ରାପ୍ତ ମହାକାଳପଡ଼ା ବିଡିଓ ଶ୍ରୀକାନ୍ତ ପରିଜାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବ୍ଲକ୍ ସଭାଗୃହରେ ଜିଲାପାଳ ଓ ପ୍ରଶାସନିକ ଅଧିକାରୀମାନେ ଜନ ଅଭିଯୋଗର ଶୁଣାଣି କରୁଛନ୍ତି।

# ସିଂହଦ୍ୱାରରେ ଲାଗିଲା ତାଳଧ୍ୱଜ ରଥ

## ରଣପୁରରେ ବାହୁଡ଼ାଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ


ରଣପୁର ବଡଦାଣ୍ଡରେ ୩ ରଥ ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ।

ରଣପୁର, ୧୫।୭ (ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲାର ରଣପୁର ଶ୍ରୀମନ୍ଦିର ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ। ସୋମବାର ଆଷାଢ଼ ଶୁକ୍ଳ ଦଶମୀ ବାହୁଡ଼ାଯାତ୍ରାରେ ଚତୁର୍ଦ୍ଧାମୂର୍ତ୍ତି ମାଉସୀ ମା' ମନ୍ଦିରରୁ ନବଦିନାତ୍ମକ ଯାତ୍ରା ଶେଷକରି ଜନ୍ମବେଦିରୁ ରତ୍ନବେଦି ଅଭିମୁଖେ ବାହାରିଥିଲେ। ଶ୍ରୀଜୀଉମାନଙ୍କ ମଧ୍ୟରୁ କେବଳ ତାଳଧ୍ୱଜ ରଥ ସିଂହଦ୍ୱାରରେ ସନ୍ଧ୍ୟା ସୁଦ୍ଧା ପହଞ୍ଚିଛି। ରାତି ହୋଇଯିବାରୁ ରଥଟଣା ବନ୍ଦ ରହିଥିଲା। ମଙ୍ଗଳବାର ମା' ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିବେ। ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଇ ସିଂହଦ୍ୱାରଠାରେ ପହଞ୍ଚାଇବେ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ସହିତ ସଂକୀର୍ତ୍ତନରେ ରଣପୁର ବଡ଼ଦାଣ୍ଡ କମ୍ପିଥିଲା।

ଦେଢ଼ଘଣ୍ଟା ବିଳମ୍ବରେ ନୀତିକାନ୍ତି ଶେଷ ପରେ ଗୁଣ୍ଡିଚା ମନ୍ଦିରରୁ ପୂଜା ପଣ୍ଡାମାନେ ଘଣ୍ଟ ଘଣ୍ଟା, କାହାଳି ବଜାଇ ଅପରାହ୍ନ ସାଢ଼େ ୨ ଟାରେ ପହଣ୍ଡି କାର୍ଯ୍ୟ ଆରମ୍ଭ କରିଥିଲେ। ଅପରାହ୍ନ ୪ଟାରେ ୩ ଠାକୁର ରଥରେ ବିରାଜମାନ କରିଥିଲେ। ପରେ ଦେବତ୍ତୋର ବିଭାଗର କର୍ମକର୍ତ୍ତା ପୂଜା ପଣ୍ଡାମାନେ ୩ରଥରେ ଛେରା ପହଁରା ପାଇଁ ରାଜନଅରକୁ ଯାଇ ରାଜା ଦିଲୀପ ଚନ୍ଦ୍ର ସିଂହଦେଓଙ୍କୁ ନିମନ୍ତ୍ରଣ କରିଥିଲେ। ପରେ ଏକ ସୁଶୋଭିତ ପାଲିଙ୍କି ଶୋଭାଯାତ୍ରାରେ ରାଜା ସିଂହଦେଓ ରାଜନଅରରୁ ବାହାରି ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ୩ ରଥରେ ଛେରାପହଁରା କରିଥିଲେ। ଅପରାହ୍ନ ସାଢ଼େ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ପାଗ ଅନୁକୂଳ ହୋଇଥିଲେ ମଧ୍ୟ ଝିପିଝିପି ବର୍ଷା ଯୋଗୁ ଭକ୍ତମାନେ ଗୁଳୁଗୁଳି ଓ ଗରମରୁ ରକ୍ଷା ପାଇଥିଲେ। ଉତ୍ସାହର ସହ ତାଳଧ୍ୱଜ ରଥକୁ ଶ୍ରଦ୍ଧାଳୁମାନେ ଟାଣିଥିଲେ। ହେଲେ ବଡଠାକୁରଙ୍କ ରଥ ଆରମ୍ଭରୁ ବ୍ରିଭାଟ ହେଇଥିଲା। ରଥ ରହି ରହି ଚାଲିଥିଲା। ଭକ୍ତମାନେ ତଥାପି ରଥକୁ ଟାଣି ନେଇ ସିଂହଦ୍ୱାରରେ ପହଞ୍ଚାଇଥିଲେ। ଏହାପରେ ରାତି ହୋଇଯିବାରୁ ରଥଟଣା କାର୍ଯ୍ୟକୁ ବନ୍ଦ ରଖା ଯାଇଥିଲା। ପବିତ୍ର ବାହୁଡ଼ାଯାତ୍ରା ଉପଲକ୍ଷେ ବୁଧବାର ଏକାଦଶୀ ତିଥିରେ ୩ ଠାକୁରଙ୍କ ରୁପାବେଶରେ ରଥ ଉପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଏହାସହ ପଞ୍ଚଦୋଳ ପଡ଼ିଆରେ ରଣପୁର ଟାଉନ୍ କ୍ଳବ୍ ପକ୍ଷରୁ ୩୮ମ ଭଜନ ସମାରୋହ ବୁଧବାର ସନ୍ଧ୍ୟାରେ ଆୟୋଜନ କରାଯିବାର କାର୍ଯ୍ୟାକ୍ରମ ରହିଛି। ଏଥିରେ ଓଡ଼ିଶାର ସୁନାମ ଧନ୍ୟ କଣ୍ଠଶିଳ୍ପୀ ଯୋଗଦାନ କରିବେ ବୋଲି କ୍ଳବର ସମ୍ପାଦକ ପ୍ରକାଶ କରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ୨ ପ୍ଲାଟୁନ ଫୋର୍ସର ବ୍ୟବସ୍ଥା କରାଯାଇଥିଲା। ଗୁରୁବାର ଶ୍ରୀମନ୍ଦିର ଭିତରକୁ ୩ ଠାକୁର ପ୍ରତ୍ୟାବର୍ତ୍ତନ ବାଟରେ ଲକ୍ଷ୍ମୀ ନାରାୟଣ ଭେଟ ହେବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ରଣପୁରରେ ମାଉସୀ ମା' ମନ୍ଦିରରୁ ଶ୍ରୀ ବଳଦେବ, ମା' ସୁଭଦ୍ରା, ଶ୍ରୀ ଜଗନ୍ନାଥଙ୍କୁ ସେବାୟତ ଓ ପୂଜକମାନେ ପହଣ୍ଡିରେ ନେଉଛନ୍ତି।



ରଥରେ ରାଜା ଦୀଲିପ ଚନ୍ଦ୍ର ସିଂହଦେଓ ଛେରାପହଁରା କରୁଛନ୍ତି।

# ମାଉସୀ ମା' ମନ୍ଦିରରୁ ବାହୁଡ଼ିଲେ ୩ ଠାକୁର




ଶରଣକୁଳରେ ୩ ରଥରେ ରଥାରୂଢ ୩ ଠାକୁର।

**ଶରଣକୂଳ, ୧୫।୭ (ଦୀପକ କର)**

ଶୈବକ୍ଷେତ୍ର ଶରଣକୁଳରେ ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ସୋମବାର ପାଳିତ ହୋଇଯାଇଛି। ମାଉସୀ ମା' ମନ୍ଦିରରେ ୯ ଦିନ ରହଣି ପରେ ମହାବାହୁ ବାହୁଡ଼ି ଆସିଛନ୍ତି। ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଥିଲା ଶରଣକୁଳ ରାଜ୍ୟ ରାଜପଥ। ଅପରାହ୍ନ ୨ଟାରେ ୩ ଠାକୁରଙ୍କ ପାଳିଆ ସେବକ ସୁନୀଲ ବଡ଼ପଣ୍ଡା, କୈଳାସ ମହାପାତ୍ର, ଶିବ ପୁଷ୍ପ ପାଳକ, ଲୋକନାଥ ପୁଷ୍ପ ପାଳକ, ପତି ସୁଆର ସଞ୍ଜୟ ମହାପାତ୍ର ନୀତିକାନ୍ତି ଅନୁସାରେ ସମସ୍ତ କାର୍ଯ୍ୟ ସମ୍ପର୍ଣ୍ଣ କରିବା ପରେ ମନ୍ଦିର ପରିଛା ତୋଷବନ୍ତକର ଛେରାପହଁରା କରିଥିଲେ। ଅପରାହ୍ନ ୪ଟାରେ ପହଣ୍ଡି ବିଜେ ପରେ ୩ ରଥରେ ୩ ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ପରେ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଜିତେନ୍ଦ୍ର କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅପରାହ୍ନ ୪ରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ବଡ ଠାକୁର ଓ ମା' ସୁଭଦ୍ରା ରଥକୁ ମନ୍ଦିର ପର୍ଯ୍ୟନ୍ତ ଟାଣିନେଇଥିଲେ। କିନ୍ତୁ ପ୍ରଭୁ ଜଗନ୍ନାଥଙ୍କ ରଥ ସନ୍ଧ୍ୟା ହେତୁ ନରେନ୍ଦ୍ରପୁର ବାଙ୍କ ପର୍ଯ୍ୟନ୍ତ ଟଣା ହୋଇ ସେଠାରେ ରହିଥିଲା। ଶରଣକୁଳ ଥାନା ଭାରପ୍ରାପ୍ତ ଅଧିକାରୀ ପୁଷ୍ପଲତା ବେହେରା ଓ ପୋଲିସ କର୍ମଚାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ଦଶପଲ୍ଲାରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା

**ଦଶପଲ୍ଲା ୧୫।୭(ପ୍ରକାଶ କୁମାର ପାଣି):** ଦଶପଲ୍ଲାରେ ସୋମବାର ବାହୁଡ଼ା ଯାତ୍ରା ପାଳିତ ହୋଇଯାଇଛି। ମାଉସୀ ମା' ମନ୍ଦିରରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ରଥରୂଢ଼ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ରଥ ଟଣା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ରଥ କିଛି ବାଟ ଯିବା ପରେ ରଥ ଦଉଡ଼ି ଛିଣ୍ଡି ଯିବାରୁ କିଛି ସମୟ ରଥଟଣା ବାଧାପ୍ରାପ୍ତ ହୋଇଥିଲା। ରଥ ଗଣେଶ ବଜାର ଯାଏଁ ଯାଇଥିଲା, ସୋମବାର ପ୍ରତିବର୍ଷ ଭଳି ରଥ ଅଟକି ରହିଥିଲା। ମଙ୍ଗଳବାର ପୁଣି ରଥ ଟଣା କାର୍ଯ୍ୟ ହେବ ବୋଲି ଜଣାଯାଇଛି। ସେହିପରି ସାତପାଟଣାଠାରେ ମଧ୍ୟ ରଥ ଟଣା ଯାଇଛି। ସେଠାରେ ମଧ୍ୟ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।



# ଖଣ୍ଡପଡ଼ା: ୪ଦିନ ବାହୁଡ଼ାଯାତ୍ରା

ଖଣ୍ଡପଡ଼ା,୧୫।୭(ଅଜୟ କୁମାର ମହାରଣା) : ଖଣ୍ଡପଡ଼ାରେ ଶ୍ରୀଜୀଉମାନଙ୍କ ବାହୁଡ଼ାଯାତ୍ରା ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଠାକୁର ଜନ୍ମବେଦିରେ ୭ ଦିନ ରହଣି ପରେ ସୋମବାର ଶ୍ରୀଜୀଉମାନେ ରତ୍ନବେଦିକୁ ବିଜେ ହେଉଛନ୍ତି। ସୋମବାର ଏହି ଅବସରରେ ଖଣ୍ଡପଡ଼ା, ଖଳିସାହି, ମର୍ଦ୍ଦରାଜପୁର ଓ କୁମ୍ଭାରପଡ଼ା ଗ୍ରାମରେ ବାହୁଡ଼ାଯାତ୍ରା ଦେଖିବାକୁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଖଣ୍ଡପଡ଼ା ଦେବୋତ୍ତର ବିଭାଗ ପକ୍ଷରୁ ପରିଚାଳିତ ମହିମାମେରୁ ଓ ରାଜ ପରିବାର ପକ୍ଷରୁ ପରିଚାଳିତ ଏକକ ଜଗନ୍ନାଥ ପୃଥକ୍ ରଥରେ ସନ୍ଧ୍ୟା ପ୍ରାୟ ୬ଟାରେ ବାହାରି ବଡ଼ଦାଣ୍ଡର ଖଣ୍ଡପଡ଼ା ଥାନା ନିକଟରେ ଅଟକି ରହିଛନ୍ତି। ପାରମ୍ପରିକ ପ୍ରଥା ଅନୁଯାୟୀ ଗଡଜାତ ଖଣ୍ଡପଡ଼ା ଅଞ୍ଚଳରେ ୩ଦିନ ଧରି ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥାଏ। ତେବେ ଚଳିତବର୍ଷ ଏହି ବାହୁଡାଯାତ୍ରା ୪ଦିନବ୍ୟାପୀ ଅନୁଷ୍ଠିତ ହୋଇ ଆସନ୍ତା ୧୮ ତାରିଖରେ ସମ୍ପନ୍ନ ହେବ ବୋଲି ଦେବୋତ୍ତର ମ୍ୟାନେଜର ଗୋବିନ୍ଦ ଚରଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

ବାହୁଡ଼ାଯାତ୍ରାର ପ୍ରଥମ ଦିନରେ ବର୍ଷା ଲାଗି ରହିଥିବାରୁ ବିଳମ୍ବରେ ଠାକୁରମାନଙ୍କୁ ପହଣ୍ଡିରେ ବିଜେ କରାଯାଇ ଛେରାପହଁରା ନୀତି ଅନୁଷ୍ଠିତ ହୋଇଥିଲା। ଏହି ବର୍ଷା ପାଗ ଯୋଗୁ ବିଳମ୍ବରେ ଭକ୍ତମାନେ ଗୁଣ୍ଡିଚା ଘରଠାରୁ କିଛିବାଟ ପର୍ଯ୍ୟନ୍ତ ରଥ ୨ଟିକୁ ଟାଣି ଥାନା ନିକଟରେ ପହଞ୍ଚାଇ ଥିଲେ। ପାଗ ପ୍ରତିକୂଳ ଯୋଗୁ ଆଖପାଖ ଅଞ୍ଚଳରୁ ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମରେ ବଡ଼ଦାଣ୍ଡ ଉତ୍ସବମୁଖର ହୋଇଉଠିଥିଲା। ସନ୍ଧ୍ୟାରେ ବିଗ୍ରହଙ୍କ ଆଳତି ଦର୍ଶନ ନିମନ୍ତେ ରଥ ସମ୍ମୁଖରେ ଜନସାଧାରଣଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ରଥାରୂଢ ବିଗ୍ରହଙ୍କ ନିକଟରେ ଅଧରପଣା ଲାଗି କରାଯାଇଥିଲା। ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ପରିଚାଳନା ନିମନ୍ତେ ପୋଲିସ ଟିମକୁ ମୁତୟନ କରାଯାଇଥିଲା। ଖଣ୍ଡପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଧ୍ୟ ବାହୁଡା ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଗୁରୁବାର ସନ୍ଧ୍ୟାରେ ଲକ୍ଷ୍ମୀନାରାୟଣ ଭେଟ ସହ ଚଳିତବର୍ଷର ବାହୁଡ଼ାଯାତ୍ରା ଶେଷ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ଜଣାପଡିଛି।

# ଜନ୍ମବେଦିରୁ ରତ୍ନବେଦିକୁ ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତି

## ନୟାଗଡ଼ରେ ବାହୁଡା ଯାତ୍ରା

ନୟାଗଡ,୧୫।୭(ଲୋକନାଥ ମିଶ୍ର)


ନୟାଗଡ଼ରେ ପହଣ୍ଡିରେ ଆସୁଥିବା ୩ ଠାକୁରଙ୍କ ସମ୍ମୁଖରେ ଭୋଗ କରାଯାଉଛି।

ନବଦିନାତ୍ମକ ଯାତ୍ରା ସାରି ଚତୁର୍ଦ୍ଧା ମୂର୍ତ୍ତି ଜନ୍ମବେଦିରୁ ରତ୍ନବେଦି ଅଭିମୁଖେ ସୋମବାର ବାହୁଡିଛନ୍ତି। ବାହୁଡା ଯାତ୍ରା ଅବସରରେ ବଡଦାଣ୍ଡ ଭକ୍ତିମୟ ପରିବେଶ ହୋଇପଡିଥିଲା। ନୟାଗଡ଼ ସଦର ମହକୁମାର ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉମାନଙ୍କର ବାହୁଡାଯାତ୍ରା ସମ୍ପନ୍ନ ହୋଇଛି। ସକାଳୁ ଠାକୁରଙ୍କ ମଙ୍ଗଳ ଆଳତି, ସକାଳ ଧୂପ କରାଯିବା ପରେ ପୂର୍ବାହ୍ନ ସାଢ଼େ ୯ଟାରେ ରଥ ପ୍ରତିଷ୍ଠା କରାଯାଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରେ ଶ୍ରୀଜୀଉମାନଙ୍କର ପହଣ୍ଡି ବିଜେ ହୋଇଥିଲା। ହଜାର ହଜାର ଭକ୍ତଙ୍କ ଗହଣରେ ନୟାଗଡ଼ ରାଜା ରାମେଶ୍ୱର ପ୍ରସାଦ ସିଂ ଅପରାହ୍ନ ସାଢ଼େ ୧ଟାରେ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ। ପରେ ଦ୍ୱିପ୍ରହର ଭୋଗ କରାଯାଇଥିଲା। ଅପରାହ୍ନ ସାଢ଼େ ୩ଟା ରଥଟଣା ନୀତି ସମ୍ପନ୍ନ ହୋଇଥିଲା। ପରେ ଭକ୍ତମାନେ ପ୍ରବଳ ଉତ୍ସାହର ସହ ରଥଟାଣି ଥିଲେ। ବଳଦେବଜୀଉଙ୍କ ତାଳଧ୍ୱଜ ରଥ ନବନାଲ ମଠ ନିକଟରେ ପହଞ୍ଚିଛି। ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଦକ୍ଷୀଣକାଳୀ ମନ୍ଦିର ଛକ ଓ ଶ୍ରୀଜଗନ୍ନାଥଜୀଉଙ୍କ ନନ୍ଦିଘୋଷ ରଥ ବାଲିସାହିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲାଗିଛି। ଉପଜିଲାପାଳ ତଥା ଦେବୋତର ବିଭାଗର ନିର୍ବାହୀ ଅଧିକାରୀ କର୍ଣ୍ଣଦେବ ସମାଦାର, ଜିଲା ପରିଷଦର ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ନୟାଗଡ଼ ତହସିଲଦାର ରାଜେଶ ସ୍ୱାଇଁ, ଅତିରିକ୍ତ ଏସ୍‌ପି ମଲ୍ଲିକ ଓ ଦେବୋତର ବିଭାଗର ପରିଚାଳକ ତାପସ ପଟ୍ଟନାୟକ ଉପସ୍ଥିତି ରହି ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିଥଲେ। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି।

## ଗୋଡିପଡ଼ାରେ ବାହୁଡାଯାତ୍ରା

ଗୋଡିପଡ଼ା ବଡତେଲିସାହିସ୍ଥ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉମାନଙ୍କର ବାହୁଡାଯାତ୍ରା ସୋମବାର ପାଳିତ ହୋଇଯାଇଛି। କ୍ଷେତ୍ରବାସୀ ସାହୁ ଛେରାପହଁରା କରିଥିଲେ। ବଡତେଲିସାହିସ୍ଥ ଗୁଣ୍ଡିଚା ମନ୍ଦିରରୁ ବାହାରିଥିବା ବାହୁଡା ରଥ ଶ୍ରୀମନ୍ଦିର ନିକଟରେ ପହଞ୍ଚିଛି। ପୂଜକ ଗଣେଶ୍ୱର ମିଶ୍ର ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ପୀଠରେ ୧୯୯୬ରୁ ଛୋଟଛୋଟ ପିଲାମାନେ ରଥଯାତ୍ରା କରି ଆସୁଥିବାବେଳେ ମନ୍ଦିରରେ ଠାକୁରଙ୍କ ପୂଜା ଦାୟିତ୍ୱ ନେଉଛନ୍ତି ମହନ୍ତସାହିର ଗ୍ରାମବାସୀ। ବଡତେଲିସାହି ଗ୍ରାମବାସୀ ଗୁଣ୍ଡିଚା ମନ୍ଦିରଠାରେ ଠାକୁରଙ୍କ ପୂଜା ଦାୟିତ୍ୱ ନେଇଥାନ୍ତି। ସେହିପରି ଓଡଗାଁ ବ୍ଲକର ବଡଗୋରଡା, ଭାଲିଆଡିହି, ବାଉଁଶିଆ, ହରିହରପୁର, କୋତରଙ୍ଗ, ନୟାଗଡ଼ ବ୍ଲକର ବଉଳସାହି, ରଣପୁର ବ୍ଲକର ତଳାରୀବନ୍ଧରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଛି। ସେହିପରି ନୟାଗଡ଼ ସହରର ୪ ନଂ. ୱାର୍ଡର ଆଖଣ୍ଡଳମଣି ସାହିରେ ବସ୍ତିପିଲାମାନେ ରଥ ଟାଣିଥିଲେ।

## ସଂକ୍ଷେପରେ

### ସ୍କୁଟିରୁ ପଡ଼ି ଜଣେ ଗୁରୁତର

ପାଣିକୋଇଲି,୧୫।୭(ବିକାଶ ମଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଜଣେ ବ୍ୟକ୍ତି ସ୍କୁଟିରୁ ପଡ଼ି ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଥାନା ଅନ୍ତର୍ଗତ ମହାବୀର କଲୋନୀର ସନ୍ତୋଷ କୁମାର ସାମନ୍ତରାୟ । ସେ ମଧୁବନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଅଛନ୍ତି । ସୋମବାର ଅପରାହ୍ନରେ ସେ ନିଜ ସ୍କୁଟିରେ କେନ୍ଦ୍ରାପଡ଼ାରୁ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ସ୍ଥାନୀୟ ଯୁବକମାନେ ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ସହାୟତାରେ କଟକ ପଠାଇଛନ୍ତି ।

### ରାସ୍ତା ତଳକୁ ଖସିଲା କାର, ଚାଳକ ଆହତ



ପାଣିକୋଇଲି,୧୫।୭(ବିକାଶ ମଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ କେଉଟନଗୁଆ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଏକ କାର(ନଂ.ଓଡି୦୫ଏନ୨୨୨୧) ରାସ୍ତା ପାର୍ଶ୍ୱ ନାଳ ନିକଟକୁ ଓଲଟି ପଡିଛି। ଏଥିରେ ଚାଳକ ସାମନ୍ୟ ଆହତ ହୋଇଛନ୍ତି । କତରାପୁର ପଟୁ ଜାତୀୟ ରାଜପଥକୁ ଆସୁଥିବା ଏହି କାରଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଓଲଟିପଡି ଥିଲା । ପାଣିକୋଇଲି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।

### ଗ୍ୟାରେଜ ମିସ୍ତ୍ରିଙ୍କ ପରଲୋକରେ ବଜାର ବନ୍ଦ

ପାଣିକୋଇଲି,୧୫।୭(ବିକାଶ ମଲିକ):

ପାଣିକୋଇଲିରେ ଦୀର୍ଘ ବର୍ଷ ଧରି ରହିଆସିଥିବା ପଶ୍ଚିମବଙ୍ଗର ଲକ୍ଷ୍ମୀକାନ୍ତ ମାଇତି ନାମକ ଜଣେ ଗ୍ୟାରେଜ୍ ମିସ୍ତ୍ରିଙ୍କ ପରଲୋକରେ ପାଣିକୋଇଲି ଶର୍ମା ପେଟ୍ରୋଲସ୍ଥିତ ସମସ୍ତ ଗ୍ୟାରେଜ ଓ ବ୍ୟବସାୟିକ ପ୍ରତିଷ୍ଠାନ ରବିବାର ଉପରଓଳି ବନ୍ଦ ରହିଥିଲା। ଲକ୍ଷ୍ମୀକାନ୍ତ ଦୀର୍ଘ ବର୍ଷ ହେବ କାମ କରୁଥିଲେ। ତେବେ ଗତ ୧୩ ତାରିଖ ଦିନ ସେ ସ୍ତ୍ରୀଙ୍କୁ ଧରି ବାଇକ୍‌ରେ କଟକରୁ ଫେରିବା ସମୟରେ ଜାରକା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ହୋଇଥିବା ବେଳେ ସ୍ତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଜାତୀୟ ରାଜପଥ ଉପରେ ଲହଡ଼ି ମାରୁଛି ବର୍ଷାଜଳ



୧୬ନଂ. ଜାତୀୟ ରାଜପଥ ଉପରେ ବର୍ଷାଜଳ ଜମିରହିଛି ।

ରସୁଲପୁର,୧୫।୭(ରଞ୍ଜିତ ରାଉତ):

ଯାଜପୁର ଜିଲା ରସୁଲପୁର ବ୍ଲକ ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥ ଉପରେ ବର୍ଷାଜଳ ଜମି ଲହଡ଼ି ମାରୁଛି। ବର୍ଷାଜଳ ନିଷ୍କାସନ ପାଇଁ ରାଜପଥ ପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା କରାଯାଇଛି। ଡ୍ରେନ ଭିତରକୁ ରାସ୍ତା ପାଣି ବୋହିବା ପାଇଁ ବିଭିନ୍ନ ସ୍ଥାନରେ ସ୍ୱେରେଜ୍ ବ୍ୟବସ୍ଥା କରାଯାଇଛି । ସ୍ୱେରେଜ୍ ବ୍ୟବସ୍ଥା ଠାରୁ ରାସ୍ତା ଖାଲୁଆ ହୋଇଥିବାରୁ ବର୍ଷା ଜଳ ସେହି ପଥ ଦେଇ ନିଷ୍କାସନ ହୋଇପାରୁନାହିଁ । ରାସ୍ତା ଉପରେ ବର୍ଷାଜଳ ଜମି ରହୁଥିବାରୁ ଯାତାୟତରେ ବାଧା ସୃଷ୍ଟି କରୁଛି । ରାଜପଥ ଉପରେ ବର୍ଷାଜଳ ଜମୁଥିବା ସ୍ଥାନକୁ ତୁରନ୍ତ ମରାମତି କରାଯାଇ ଡ୍ରେନରେ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ସାଧାରଣରେ ଦାବି ହେଉଛି ।

ରାଜପଥ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଅଧିକାଂଶ ସ୍ଥାନରେ ରାସ୍ତା ଦବି ଯାଉଥିବାର ଲକ୍ଷ୍ୟ କରାଯାଉଛି । ରାଜପଥ ଉପରେ ଭାରିଯାନ ଯାତାୟତ କରୁଥିବା ଲେନ୍ ଦବି ଯାଇ ନାଳ ସଦୃଶ ଗର୍ତ୍ତ ସୃଷ୍ଟି ହେଉଛି । ସେହି ଲେନ୍‌ରେ ଦୁଇ ଚକିଆ ଓ ଚାରି ଚକିଆ ଯାନ ଯାତାୟତ କରିବା ସମୟରେ ଗାଡିର ଚକା ଦୋହଲି ଯାଉଥିବା କାରଣରୁ ଦୁର୍ଘଟଣା ଘଟୁଛି । ଏହାଛଡା ରାଜପଥର ଆପ୍ରୋଚ ରାସ୍ତାଗୁଡିକର ନିର୍ମାଣ ଅତି ବେପରୁଆ ଭାବେ କରାଯାଇଛି । ଆପ୍ରୋଚ ରାସ୍ତାରେ ପାଣି ଜମି ରହିବା ସହ ଜଳ ନିଷ୍କାସନ ପାଇଁ ଥିବା ଡ୍ରେନ କାମରେ ଆସୁନାହିଁ । ଡ୍ରେନ୍ ଉପରେ ଢଙ୍କା ଯାଇଥିବା ଢାଙ୍କୁଣିଗୁଡିକ ନିମ୍ନମାନର ହୋଇଥିବାରୁ ଅଧିକାଂଶ ସ୍ଥାନରେ ସେ ସବୁ ଭାଙ୍ଗିରୁଜି ଗଲାଣି । କେତେକ ସ୍ଥାନରେ ଡ୍ରେନ୍‌ଗୁଡିକ ଖୋଲାମେଲା ରହୁଥିବାରୁ ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ଏଭଳି ଦୃଶ୍ୟ ବାରବାଟୀସ୍ଥିତ ଦୈନିକ ପରିବା ବଜାର ନିକଟରେ ନଜରକୁ ଆସୁଛି । ରାସ୍ତା ମଝିରେ ପାଣି ଜମି ରହୁଥିବାରୁ ପରିବା ବ୍ୟବସାୟୀ, ଖାଉଟି, ଚାଷୀମାନଙ୍କୁ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏହାଛଡା ଗଣେଶ ବଜାର ନିକଟସ୍ଥ ଗଳି ପୋଲ ତଳକୁ ସଫାସୁତୁରା କରାଯାଉ ନ ଥିବାରୁ ଦୁର୍ଗନ୍ଧରେ ନାକଫାଟି ପଡୁଛି । ପୋଲ ତଳେ ପାଣି ଜମି ରହୁଥିବାରୁ ଗାଡିମୋଟରରେ ଆସୁଥିବା ମାଟି, କାଦୁଅ, ବ୍ୟବସାୟୀ ଓ ଚାଷୀଙ୍କ ଦ୍ୱାରା ଫିଙ୍ଗା ଯାଉଥିବା ପରିବା ଚୋପା ଆଦିକୁ ନିୟମିତ ସଫାସୁତୁରା କରାଯାଉ ନ ଥିବାରୁ ବଜାରର ମୁଖ୍ୟ ସ୍ଥାନରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉକ୍ତ ସ୍ଥାନକୁ ତୁରନ୍ତ ସଫେଇ କରିବା ସହ ପାଣି ଜମି ରହୁଥିବା ରାସ୍ତାକୁ ମରାମତି ଓ ଡ୍ରେନ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

ସେଲ୍‌ଫି କର୍‌ରେ ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଜୟପ୍ରକାଶ



@ କସିଶ ହଲନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବା

# ଅନନ୍ୟା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଭଜନ ସନ୍ଧ୍ୟା



ଭଜନ ସମାରୋହରେ ସାମିଲ ହୋଇଥିବା କଳାକାରମାନେ ।

ଯାଜପୁର ଟାଉନ,୧୫।୭
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ପବିତ୍ର ଘୋଷଯାତ୍ରା ଅବସରରେ ଯାଜପୁର ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ନବମୀ ସନ୍ଧ୍ୟାରେ ପ୍ରବଚନ ଓ ଭଜନ ସମାରୋହ ଅନନ୍ୟା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବିନୋଦ ବିହାରୀ ନାୟକ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କର ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାର ମହିମା ବର୍ଣ୍ଣନା କରିଥିଲେ। ଆଡପ ମଣ୍ଡପରେ ପ୍ରଭୁଙ୍କର ନବମୀ ସନ୍ଧ୍ୟା ଦର୍ଶନର ମହତ୍ୱ ସମ୍ପର୍କରେ ଅନନ୍ୟାର ସମ୍ପାଦକ ଡ.କହ୍ନାଇ ଚରଣ ମିଶ୍ର ଉପସ୍ଥାପନ କରିବା ସହ ସମସ୍ତ ଭକ୍ତ ତଥା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସାଂସ୍କୃତିକ ସମ୍ପାଦକ ବୃନ୍ଦାବନ ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ଭାସ୍କର ମହାନ୍ତି, ଉପସଭାପତି ବିଭୂତି ମହାପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ବଳରାମ ମହାନ୍ତି, ଅଧିକାରୀ ନବକିଶୋର ଦାସ, ଶଶିଭୂଷଣ ମିଶ୍ର, ଜନାର୍ଦ୍ଦନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସଭାପତି ସନ୍ତୋଷ କୁମାର ନନ୍ଦ ସଭାପତିତ୍ୱ କରିଥିବା ବେଳେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ତ୍ରିବେଣୀ ଭଜନ ସନ୍ଧ୍ୟା ତରଫରୁ ଭଜନ ପରିବେଷଣ କରାଯାଇଥିଲା। ଦୁର୍ଗେଶ ପଣ୍ଡା, ସ୍ୱାଗତିକା ନାୟକ, ବିଷ୍ଣୁ ପ୍ରିୟା ଦଳେଇ, ଅନୁପ ପାତ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ।

### ଓଲଟିଲା ପିକ୍‌ଅପ୍ ଭ୍ୟାନ, ୨ ଗୋରୁ ମୃତ

ଝୁମ୍ପୁରୀ,୧୫।୭(ଡି.ଏନ.ଏ.):

ଯାଜପୁର ଜିଲା ଦଶରଥପୁର ବ୍ଲକ ନନ୍ଦିପୁର-ଝୁମ୍ପୁରୀ ରାସ୍ତାର ତରାଙ୍ଗ ସାଗରପୁରଠାରେ ରବିବାର ବିଳମ୍ବିତ ରାତିରେ ଏକ ପିକ୍‌ଅପ୍ ଭ୍ୟାନ୍(ନଂ.ଓଡ଼ି ୨୨ଆର ୮୦୧୧) ପୋଲ ନିକଟ ରାସ୍ତା ପାର୍ଶ୍ୱକୁ ଓଲଟି ପଡିବାରୁ ୨ ଗୋରୁଙ୍କ ମୃତ୍ୟୁ ଘଟିଛି । ଏହି ଭ୍ୟାନ୍‌ରେ ୭ ଗୋରୁ ଥିଲେ। ଗାଡ଼ିର ଚାଳକ ଓ ଖଲାସୀ ନିଖୋଜ ଅଛନ୍ତି। ଉକ୍ତ ଘଟଣା ପରେ କେହି ସେହି ଗାଡ଼ିରେ ନିଆଁ ଲଗାଇ ଦେଇଥିବା ସୂଚନା ମିଳିଛି। ଦଶରଥପୁର ଅଗ୍ନିଶମ ବାହିନୀ ନିଆଁକୁ ଆୟତ କରିଥିବା ବେଳେ ଦଶରଥପୁର ପୋଲିସ ତଦନ୍ତ ଚଳାଇଛି। ଉକ୍ତ ଗୋରୁ ବିଂଝାରପୁର ଅଞ୍ଚଳରୁ ଅଣାଯାଇ ଭଦ୍ରକ ଯାଉଥିବାର ଶୁଣିବାକୁ ମିଳିଛି। ଏକ ବରଯାତ୍ରୀ ଗାଡ଼ିକୁ ସାଇଡ୍ ଦେବାକୁ ଯାଇ ଉକ୍ତ ପିକ୍‌ଅପ୍ ଭ୍ୟାନ୍‌ଟି ଓଲଟି ପଡିଥିବା ସ୍ଥାନୀୟ ଲୋକେ କହିଛନ୍ତି ।

# ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଆର୍ଥିକ ଅନିୟମିତତା ଅଭିଯୋଗ

ବରୀ,୧୫।୭(ମହେନ୍ଦ୍ର ସ୍ୱାଇଁ):

ଯାଜପୁର ଜିଲା ବରୀ ଶିକ୍ଷାମଣ୍ଡଳ ଅଧୀନ ଧାରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଆର୍ଥିକ ଅନିୟମିତତା ଅଭିଯୋଗ ହୋଇଛି । ଏଥିସହ ସେ ସ୍କୁଲରେ ଅଧିକାଂଶ ସମୟ ଅନୁପସ୍ଥିତ ରହିବା, ମନମୁଖି କାର୍ଯ୍ୟ କରିବା ସହ ଶିକ୍ଷାଦାନ ପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି । ବିଶେଷକରି କମ୍ପୋଜିଟ୍ ଗ୍ରାଣ୍ଟ, ଇକୋ କ୍ଲବ୍, ବାର୍ଷିକ କ୍ରୀଡ଼ା ଉତ୍ସବ, ପୋଷାକ ବିତରଣ, ଝାନ୍‌ସୀରାଣୀ ଲକ୍ଷ୍ମୀବାଈ କାର୍ଯ୍ୟକ୍ରମ ପାଇଁ ଆସୁଥିବା ଅର୍ଥକୁ ପ୍ରଧାନ ଶିକ୍ଷକ ଏହି ବିଦ୍ୟାଳୟର ପରିଚାଳନା କମିଟି, ମୋ ସ୍କୁଲ ଅଭିଯାନ କମିଟି, ପୁରାତନ ଛାତ୍ରୀ ସାଂସଦ କର୍ମକର୍ତ୍ତାଙ୍କ ବିନା ସ୍ୱୀକୃତିରେ ଖର୍ଚ୍ଚ କରୁଛନ୍ତି । ଏପରି କି ଯେତିକି ଅର୍ଥ ଖର୍ଚ୍ଚ ହେଉଛି ତା'ଠାରୁ ଅଧିକ ବିଲ୍ କରାଯାଉଛି ବୋଲି ବିଭିନ୍ନ କମିଟି ପକ୍ଷରୁ ଶିକ୍ଷାମଣ୍ଡଳ ଅଧିକାରୀ ନିବେଦିତା ପାଣି ଓ ଜିଲାପାଳଙ୍କ ପାଖରେ ଅଭିଯୋଗ ହୋଇଛି ।

ସୂଚନାଯୋଗ୍ୟ, ସରକାରଙ୍କ ନିୟମ ଅନୁସାରେ ବିଦ୍ୟାଳୟର ଉନ୍ନତୀକରଣ, ଉନ୍ନତ ଶିକ୍ଷାଦାନ କ୍ଷେତ୍ରରେ ପୁରାତନ ଛାତ୍ରୀମାନେ ବିଦ୍ୟାଳୟକୁ ଯେତିକି ଅର୍ଥ ଅନୁଦାନ ଦେବେ ତା'ର ୨ ଗୁଣ ଅର୍ଥ ସରକାରଙ୍କ ତରଫରୁ ଯୋଗାଇ ଦିଆଯିବ । ଚଳିତ ବର୍ଷ ପୁରାତନ ଛାତ୍ରୀମାନେ ୧ ଲକ୍ଷ ୫ ହଜାର ଟଙ୍କା ଏହି ଯୋଜନାରେ ଜମା କରିଥିଲେ । ସରକାର ମଧ ୨ ଲକ୍ଷ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ । ସେହି ଟଙ୍କା ବିଦ୍ୟାଳୟର ପାଣ୍ଠିରେ ଗଚ୍ଛିତ ଥିଲେ ମଧ୍ୟ ପ୍ରଧାନ ଶିକ୍ଷକଙ୍କ ପାଇଁ ଅଦ୍ୟାବଧି ସେହି ଟଙ୍କା ଖର୍ଚ୍ଚ ହୋଇପାରି ନାହିଁ। ନିୟମ ଅନୁଯାୟୀ, ଜମା ଅର୍ଥ ରାଶି ଠିକ୍ ସମୟରେ ଖର୍ଚ୍ଚ କରାଯାଇ ବିନିଯୋଗ ପ୍ରମାଣପତ୍ର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯିବା ପରେ ପରବର୍ତ୍ତୀ ବର୍ଷ ପାଇଁ ପୁଣି ଥରେ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରିବ। କିନ୍ତୁ ଏହି ଅର୍ଥ ଖର୍ଚ୍ଚ କରାଯାଇ ନ ଥିବାରୁ ପରବର୍ତ୍ତୀ ବର୍ଷ ପାଇଁ ଅନୁଦାନ ହରାଇବା ସମ୍ଭାବନା ସୃଷ୍ଟି ହୋଇଛି। ଏଥିପ୍ରତି ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ ତୁରନ୍ତ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷେ ଏହା ଏକ ବାଳିକା ବିଦ୍ୟାଳୟ ହୋଇଥିବାରୁ ସେଠାରେ ନିଯୁକ୍ତି ପାଇଥିବା ପୁରୁଷ ପ୍ରଧାନ ଶିକ୍ଷକଙ୍କୁ ବଦଳି କରାଯାଇ ଜଣେ ମହିଳାଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ଦେବାକୁ ବିଦ୍ୟାଳୟର ବିଭିନ୍ନ କମିଟି ପକ୍ଷରୁ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ ରତ୍ନାକର ମଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ତଦନ୍ତ କରାଗଲେ ସବୁ ସ୍ପଷ୍ଟ ହେବ ।

### ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା

ଯାଜପୁରଟାଉନ,୧୫।୭
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର କଳାକାରମାନଙ୍କୁ ନେଇ ଘୋଷଯାତ୍ରା ଅବସରରେ ମାଉସୀମା ମନ୍ଦିର ପରିସରରେ ଜଗନ୍ନାଥଙ୍କ ଉପରେ ଓଡ଼ିଶୀ ଭଜନ ଓ ନୃତ୍ୟ ପରିବେଷଣ କରାଯାଇଥିଲା। କୁନି କୁନି କଳାକାରମାନଙ୍କ ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ବରିଷ୍ଠ ସଦସ୍ୟ ତାରାକାନ୍ତ ମଲିକ, ପ୍ରଶାନ୍ତ ପତି, ଶିଶିର କୁମାର ମହାପାତ୍ର, ସୂର୍ଯ୍ୟକାନ୍ତ ସେଠୀ, କିଶୋର କୁମାର ଦାସ, କାଶିନାଥ ପରିଡ଼ା, ଜନାର୍ଦ୍ଦନ ମହାନ୍ତି , ତହସିଲ ଅଫିସ ଅଧିକାରୀ ଶଶିଭୂଷଣ ମିଶ୍ର, ପ୍ରଶାନ୍ତ ଖୁଣ୍ଟିଆ, ବରିଷ୍ଠ ସଦସ୍ୟା ଶକୁନ୍ତଳା ବେହେରା, ସୌଭାଗ୍ୟ ତ୍ରିପାଠୀ, ତପସ୍ୱିନୀ ମଲିକ, ଐଶ୍ୱର୍ଯ୍ୟା ସାହୁ, ସାଇସ୍ମିତା ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହିସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାର ସମ୍ପାଦକ ଅଭିମନ୍ୟୁ ମିଶ୍ର ସଞ୍ଚାଳନ କରିଥିଲେ।

# ହାଇଲେଭଲ କେନାଲରେ ପାଣି ଛଡ଼ାଗଲା

ଧର୍ମଶାଳା,୧୫।୭(ବଟକୃଷ୍ଣ ପରିଡ଼ା):

କଟକ ଜଗତପୁର ନିକଟସ୍ଥ ବିରୁପା ନଦୀରୁ ବାହାରିଥିବା ହାଇଲେଭଲ କେନାଲରେ ସୋମବାର ଜଳସେଚନ ବିଭାଗ ପକ୍ଷରୁ ପାଣି ଛଡାଯାଇଛି । ଚାଷୀମାନଙ୍କ ଦାବି ଫଳରେ ପ୍ରଥମ ପର୍ଯ୍ୟାୟରେ ୩୦୦କ୍ୟୁସେକ୍ ପାଣି ଛଡାଯାଇଛି ପରେ ଆଉ ଅଧିକ ପାଣି ଛଡା ଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଚାଷୀମାନଙ୍କ ବିଲକୁ ୪ରୁ ୫ ଦିନ ମଧ୍ୟରେ ମାଇନର କେନାଲ ମାଧ୍ୟମରେ ପାଣି ଯୋଗାଇ ଦିଆଯିବ ବୋଲି ଜାରକା ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ ସୂଚନା ଦେଇଛନ୍ତି । ଜଗତପୁରଠାରୁ ବାହାରିଥିବା ହାଇଲେଭଲ କେନାଲ ୫୧ କି.ମି.ବ୍ୟାପୀ ଜେନାପୁରଠାରେ ବ୍ରାହ୍ମଣୀ ନଦୀକୁ ସଂଯୋଗ କରୁଛି । ଜାରକା ଜଳସେଚନ ଡିଭିଜନ ଅଧୀନରେ ୪୧ କି.ମି.ହାଇଲେଭଲ କେନାଲ ରହିଥିବା ବେଳେ ଧର୍ମଶାଳା ବ୍ଲକରେ ୧୯.୩୮୯ କି.ମି.ମେନ କେନାଲ , ୬.୭୨୬ କି.ମି.ମାଇନର କେନାଲ ୧୬.୨୫୯ କି.ମି.ସବ୍‌ମାଇନର କେନାଲ ମାଧ୍ୟମରେ ୩ ହଜାର ୫୮୦ ହେକ୍ଟର ଜମିକୁ ପାଣି ଯୋଗାଇ ଥାଏ । ଚଳିତ ବର୍ଷ ଆଜି ଯାଏ ସ୍ୱଳ୍ପ ପରିମାଣର ବର୍ଷା ହୋଇଥିବାରୁ ଚାଷ କାର୍ଯ୍ୟ ବ୍ୟାହତ ହୋଇଛି । ଧର୍ମଶାଳା ବ୍ଲକରେ ଚଳିତ ବର୍ଷ ଖରିପ ଋତୁରେ ୧୨ ହଜାର ୧୨୦ ହେକ୍ଟର ଜମିରେ ଧାନ ଚାଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ମାତ୍ର ବର୍ତ୍ତମାନ ସୁଦ୍ଧା ୪ ହଜାର ୧୨୦ ହେକ୍ଟର ଜମିରେ ଧାନ ବୁଣାଯାଇଥିଲେ ମଧ୍ୟ ଅନ୍ୟ ଜମିରେ ଧାନ ବୁଣାଯାଇ ପାରିନାହିଁ । କେନାଲରେ ପାଣି ଆସିବା ଖବର ପାଇ ଚାଷୀମାନେ ତଳି ପକାଇବା ପାଇଁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି ।

# ମିନି ମାରାଥନ୍, ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି



ବୈଠକରେ କାର୍ତ୍ତିକ ବେହେରା ଫାଉଣ୍ଡେଶନ୍‌ର ସଦସ୍ୟମାନେ ।

ସିଂହପୁର,୧୫।୭
(ଅନଙ୍ଗ ଉଦୟ ବେଉରିଆ):

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ପଞ୍ଚାୟତର ବରିଷ୍ଠ ସାମାଜିକ କର୍ମୀ କାର୍ତ୍ତିକ ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ କାର୍ତ୍ତିକ ବେହେରା ଫାଉଣ୍ଡେଶନ୍ ପକ୍ଷରୁ ଆସନ୍ତା ୨୧ ତାରିଖରେ ମିନି ମାରାଥନ୍ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକରେ ସୋମବାର ବ୍ଲକଛକସ୍ଥିତ କାର୍ଯ୍ୟାଳୟରେ ସଂଯୋଜକ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବେହେରାଙ୍କ ସ୍ମୃତିରେ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ପାଇଁ ଫାଉଣ୍ଡେଶନ୍ ପକ୍ଷରୁ ପ୍ରସ୍ତାବ ପାରିତ ହୋଇଥିଲା । ଅଗଷ୍ଟ ୯ରେ ସ୍ୱର୍ଗତ ବେହେରାଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ପାଳନ କରାଯିବ । ଏଥିପୂର୍ବରୁ ଆସନ୍ତା ୨୧ରେ ବିଞ୍ଝାରପୁର ଯଜ୍ଞ ପଡ଼ିଆ ଠାରୁ ମିନି ମାରାଥନ୍ ଆରମ୍ଭ ହୋଇ ବ୍ଲକ ଛକରେ ଶେଷ ହେବ । ମାରାଥନରେ ଯୁବ, ଛାତ୍ର, ମହିଳାମାନେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଫାଉଣ୍ଡେଶନ ପକ୍ଷରୁ ଆହ୍ୱାନ କରାଯାଇଛି । ସେଦିନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ କରାଯିବା ନେଇ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ବୈଠକରେ ଶ୍ୟାମସୁନ୍ଦର ବେହେରାଙ୍କ ସମେତ ଉତ୍କଳ କୁମାର ଦାଶ, ରଞ୍ଜନ କୁମାର ଦାସ, ଅଶୋକ ଚନ୍ଦ୍ର ଦାସ, ରାଜେନ୍ଦ୍ର ରାଉତ, କମଳ ଲୋଚନା ଦାଶ, ଅନନ୍ତ କୁମାର ବିଦ୍ଧାଣୀ, ଦେବକାନ୍ତ ଦାସ, ରମେଶ ମଲିକ, କାଳିନ୍ଦୀ ଜେନା, ଜନାର୍ଦ୍ଦନ ଜେନା, ଦିବାକର ବେହେରା , ପ୍ରଶାନ୍ତ ଜେନା, ପ୍ରମୋଦ କୁମାର ମିଶ୍ର, ବୃନ୍ଦାବନ ସାହୁ, କ୍ଷୀରୋଦ ରାୟ , ଜିତେନ୍ଦ୍ର ଭୂୟାଁ, ମାନସ ସାମଲ, ବ୍ରଜକିଶୋର ବେହେରା, ସମର ପଣ୍ଡା , ସଞ୍ଜୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ ।

### ଗୋଟିଏ ଦିନରେ ୩ ଦୁର୍ଘଟଣା, ୨ ଗୁରୁତର

ଛତିଆ,୧୫।୭(ସୌମ୍ୟ ରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ଛତିଆ ୧୬ ନଂ.ଜାତୀୟ ରାଜପଥରେ ଗୋଟିଏ ଦିନରେ ୩ ସଡକ ଦୁର୍ଘଟଣା ଘଟି ୨ ଜଣ ଗୁରୁତର ହୋଇଛନ୍ତି। ସୋମବାର ସକାଳୁ କଲିକତାରୁ ଛତିଆ ଇଷ୍ଟର୍ଣ୍ଣ ରାଇସି ମିଲକୁ ଏକ ଟ୍ରକ ଚାଉଳ ବୋଝେଇ କରି ଆସୁଥିଲା । ସେହି ଟ୍ରକକୁ ଏକ ଟ୍ୟାଙ୍କର ଧକ୍କା ଦେଇ ରାଜପଥ ଉପରେ ଓଲଟି ପଡିଥିଲା । ଟ୍ୟାଙ୍କର ଚାଳକ ହୋଇଛନ୍ତି । ବନ୍ଧାଲୋ ନିକଟରେ ଜଣେ ଟ୍ରକ ଚାଳକ ରାସ୍ତା ପାର ହେଉଥିଲେ। ଏହି ସମୟରେ ତାଙ୍କୁ ଏକ ବୋଲେରୋ ଧକ୍କା ଦେବାକୁ ସେ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି । ସେହିପରି ଅପରାହ୍ନରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ନେଳିଆ ପଞ୍ଚାୟତର ନେଳିଆ ଶାସନର ପୂଜକ ସ୍ମୃତି ରଞ୍ଜନ ତ୍ରିପାଠୀ ନିଜ ସ୍କୁଟିରେ ଛତିଆ ଚଟିଘର ଛକ ପାର ହେଉଥିବା ବେଳେ ତାଙ୍କୁ ଏକ ଟ୍ରକ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ପଠାଯାଇଛି। ଦୁର୍ଘଟଣାଗ୍ରସ୍ତ ଗାଡି ଗୁଡିକକୁ ପୋଲିସ ଜବତ କରି ତଦନ୍ତ ଚଳାଇଛି ।

# ଡିଜେ, ବାଣ ବ୍ୟବହାର ବନ୍ଦ ପାଇଁ ପିଟିଶନ

- ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କଲେ ସାମାଜିକ କର୍ମୀ
- ରାଜ୍ୟ ସରକାର ପକ୍ଷଭୁକ୍ତ



ପାଣିକୋଇଲି,୧୫।୭
(ବିକାଶ କୁମାର ମଲିକ)

ଦିନକୁ ଦିନ ରାଜ୍ୟରେ ଉଚ୍ଚ କ୍ଷମତା ସମ୍ପନ୍ନ ସାଉଣ୍ଡ ଡିଜେ ସହିତ ବାଣର ବ୍ୟବହାର ବଢି ଚାଲିଛି। ରାଜନୈତିକ ଶୋଭାଯାତ୍ରା ହେଉ କି ବିବାହ ଶୋଭାଯାତ୍ରାରେ ଡିଜେ ଓ ବାଣ ବହୁଳ ମାତ୍ରାରେ ବ୍ୟବହାର ହେଉଛି। ଏହି ଶବ୍ଦ ପ୍ରଦୂଷଣ ପାଇଁ ଦିନକୁ ଦିନ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିବା ରୋଗୀ ଓ ବୃଦ୍ଧା,ବୃଦ୍ଧଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହୋଇ ଆସିଛି । ହେଲେ ଏହା ଉପରେ ପ୍ରଶାସନ କିମ୍ବା ସରକାର ରୋକ୍ ଲଗାଇ ପାରୁନାହାନ୍ତି। ଅଳ୍ପଦିନ ତଳେ ପୁରୀ ନରେନ୍ଦ୍ର ପୋଖରୀ ବାଣ ବିସ୍ଫୋରଣରେ ଅନେକ ଜୀବନ ଦୀପ ଲିଭିଯାଇଥିବା ବେଳେ ବହୁ ଲୋକ ଆହତ ହୋଇଥିଲେ । ବାଣରେ ବ୍ୟବହାର କରାଯାଉଥିବା ସଲଫର (ଗନ୍ଧକ) ନାମକ ରାସାୟନିକ ପଦାର୍ଥ ବାୟୁ ମଣ୍ଡଳରେ ମିଶିବା ଦ୍ୱାରା ଚର୍ମ କର୍କଟ ଭଳି ରୋଗ ସୃଷ୍ଟି ହେଉଛି। ଏଥିସହିତ ଡିଜେ ଓ ବାଣରୁ ବାହାରୁଥିବା ଉଚ୍ଚ ଶକ୍ତି ସମ୍ପନ୍ନ ଧ୍ୱନିର ପ୍ରଭାବରେ ବହୁ ପକ୍ଷୀ ଓ ପଶୁ ମଧ୍ୟ ମୃତ୍ୟୁ ବରଣ କରୁଛନ୍ତି। ସରକାରୀ ପ୍ରୋତ୍ସାହନ କାରଣରୁ ଉକ୍ତ ଦୁଇଟି ବ୍ୟବସାୟକୁ ଲୋକମାନେ କୁଟୀର ଶିଳ୍ପରେ ପରିଣତ କରିସାରିଲେଣି। ବିଭିନ୍ନ ଗାଁରେ ଏବେ ବି ଲୁଚାଛପାରେ ବାଣ ଭିଡ଼ା ଓ ଡିଜେ ମାଇକ୍ ବ୍ୟବସାୟ ଚାଲୁ ରହିଛି। ଏ ସଂକ୍ରାନ୍ତରେ ଗତ ୨୦୨୩ ଡିସେମ୍ବର ୧୩ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ପ୍ରଦୂଷଣ ସୃଷ୍ଟି କରୁଥିବା ଡ଼ିଜେ ଓ ବାଣକୁ ବେଆଇନ ଘୋଷଣା ଲାଗି ନିବେଦନ କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଲାନାହିଁ। ତେଣୁ ଏହାର ପ୍ରସ୍ତୁତ ଓ ବ୍ୟବହାର ବେଆଇନ ବୋଲି ଘୋଷଣା କରିବାକୁ ନିର୍ଦ୍ଦେଶ ଦେବା ଲାଗି ରାଜ୍ୟ ସରକାରଙ୍କୁ ପକ୍ଷ ଭୁକ୍ତ କରି ପାଣିକୋଇଲିର ସାମାଜିକ କର୍ମୀ ତାରିଣୀ କୁମାର ପଟ୍ଟନାୟକ ରାଜ୍ୟ ମାନବଧିକାର କମିଶନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୨୯୧/ଆଇଏନ/୨୦୨୪) ରୁଜୁ ହୋଇଛି । କମିଶନ ଉକ୍ତ ପିଟିସନକୁ ବିଚାର ଲାଗି ତାଲିକା ଭୁକ୍ତ କରିଥିବା ସୂଚନା ମିଳିଛ ।





ବାହୁଡ଼ାଯାତ୍ରା ଅବସରରେ ସିଦ୍ଧଳସ୍ଥିତ ଠାକୁରଙ୍କ ରଥ ସମ୍ମୁଖରେ ଭକ୍ତଙ୍କ ଭିଡ଼ ଜମିଛି।



ନାଉଗାଁସ୍ଥିତ ଗାରୋଇ ଗୋବର୍ଦ୍ଧନ ପୀଠର ତିନି ରଥ।



ଏରସମାସ୍ଥିତ ଜଗନ୍ନାଥଙ୍କ ରଥ ସମ୍ମୁଖରେ ଭକ୍ତମାନେ କୀର୍ତ୍ତନ କରୁଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଜୟପ୍ରକାଶ



@ କଶିସ ହଲନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜନ୍ମବେଦିରୁ ବାହୁଡ଼ିଲେ ମହାବାହୁ

ରଘୁନାଥପୁର, ୧୫।୭
(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲାର ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସର ସହ ବାହୁଡ଼ା ଯାତ୍ରା ପାଳିତ ହୋଇଯାଇଛି। ରଘୁନାଥପୁର ବ୍ଲକରେ ମାଉସୀ ମା' ଘରେ ନବଦିନାତ୍ମକ ରହଣୀ ପରେ ପୋଡ଼ପିଠା ଖାଇ ବାହୁଡ଼ିଛନ୍ତି କାଳିଆ ଠାକୁର। ରଘୁନାଥପୁର ବଡ଼ଦାଣ୍ଡ, ତରିକୁଣ୍ଡ ବଟ, ବଡତିହାଡ, କୋଟକଣା, ମହାବୀର ସାହି, ଗୋପାଳପୁର, ଶିର୍ଲୋ, ଗୋମତି ଆଶ୍ରମ, ତାରପୁର, ଜଇପୁର ହାଟ ଓ ଛକ, ରେଢୁଆ, ଖଣ୍ଡତରି, ଗୋକୁଳପୁର ଏବଂ ଚିକିଣିଆ ଆଦି ସ୍ଥାନରେ ବର୍ଷା ସତ୍ତ୍ୱେ ଭକ୍ତମାନେ ଆନନ୍ଦର ସହ ରଥ ଟାଣିଛନ୍ତି।

**ଏରସମା, (ଦୀପ୍ତି ଖଣ୍ଡୁଆଳ):** ଏରସମା ବ୍ଲକସ୍ଥିତ ଜଗନ୍ନାଥ ମନ୍ଦିରର ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଠାକୁର ରାଜା ଭାବେ ନିରଞ୍ଜନ ପ୍ରସାଦ ଦାସ ଛେରାପହଁରା କରିବା ପରେ ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ। ଏଥିରେ ବାଲିକୁଦା ଏରସମା ଭାଜପା ନେତା ସତ୍ୟସାରଥି ମହାନ୍ତି, ନାରୀନେତ୍ରୀ ରାଜଶ୍ରୀ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷ ଦେବେନ୍ଦ୍ର କିଶୋର ତ୍ରିପାଠୀ, ଓକିଲ ସଂଘ ପୂର୍ବତନ ସଭାପତି ଅକ୍ଷୟ କୁମାର ସ୍ୱାଇଁ ଓ ବିଜୟ ପାଲ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଗଡ଼ହରିଶପୁର ପଞ୍ଚାୟତର ସରବନ୍ତ ଝାଡୁଆ ଜଗନ୍ନାଥ ମନ୍ଦିର ପକ୍ଷରୁ ହୋଇଥିବା ବାହୁଡ଼ା ଯାତ୍ରାରେ ନିମାଇଁ ଚରଣ ମଲ୍ଲିକ ଠାକୁର ରାଜା ଭାବେ ଛେରାପହଁରା କରିଥିଲେ।



ରଘୁନାଥପୁରସ୍ଥିତ ମଦନମୋହନ ରଥକୁ ପିଲାମାନେ ଟାଣୁଛନ୍ତି।



ତିର୍ତ୍ତୋଲ ବେଗୁନିଆସ୍ଥିତ ଜଗନ୍ନାଥଙ୍କ ରଥ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ନାଉଗାଁ, (ସୁଧା ବେହୁରା):** ନାଉଗାଁ ବ୍ଲକର ବିଭିନ୍ନ ଜଗନ୍ନାଥ ମନ୍ଦିର ଯଥା ଅଲଣା, ତିହୁଡା, ବାଲିସାହିସ୍ଥିତ ଶ୍ରୀଶ୍ରୀ ପତିତପାବନ ଜୀଉ ମନ୍ଦିର, ଚାନ୍ଦଖାଁପାଟଣାସ୍ଥିତ ବଳଦେବଜୀଉ ମନ୍ଦିର ଆଦିରେ ସୋମବାର ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତେଲସରାସ୍ଥିତ ମାଉସୀ ମା' ମନ୍ଦିରରେ ରୀତିନୀତି ଅନୁଯାୟୀ ରଥଟଣା ହୋଇଥିଲା। ଠାକୁର ରାଜା ଭାବେ ଜ୍ଞାନରଞ୍ଜନ ବିଶ୍ୱାଳ ୩ ରଥରେ ଛେରାପହଁରା କରିଥିଲେ। ଏହାପରେ ଶ୍ରଦ୍ଧାଳୁମାନେ ରଥକୁ ଗାରୋଇସ୍ଥିତ ଗୋବର୍ଦ୍ଧନ ପୀଠ ଅଭିମୁଖେ ଟାଣି ନେଇଥିଲେ। ମା' ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ।

**ତିର୍ତ୍ତୋଲ, (ଗୌରାଙ୍ଗ ଚରଣ ସ୍ୱାଇଁ):** ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତ ଅନ୍ତର୍ଗତ ବେଗୁନିଆ ଗ୍ରାମରେ ଜଗନ୍ନାଥଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାରାଦେବୀ ମାଉସୀ ମା' ମନ୍ଦିରଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରଥଟଣା ହୋଇଥିଲା। ଭକ୍ତମାନେ ବାଜା, ସଙ୍କୀର୍ତ୍ତନ ବଜାଇ ଏହାକୁ ଟାଣିଥିଲେ। କଟରା ପଞ୍ଚାୟତରେ ଅନୁଷ୍ଠିତ ରଥଯାତ୍ରାରେ ବହୁ ଭକ୍ତ ଯୋଗଦେଇଥିଲେ। ବେଗୁନିଆ ଜଗନ୍ନାଥ ତତ୍ତ୍ୱାଶ୍ରମର ପୂଜକ ଚାଇନା ପଣ୍ଡା, ରଞ୍ଜନ ପଣ୍ଡାଙ୍କ ସମେତ ଡ. ରାଜେନ୍ଦ୍ର ନାୟକ, ଦେବଦତ୍ତ ନାୟକ, ସୋମ ପ୍ରସାଦ ରାଉତ, ନିରଞ୍ଜନ ନାୟକ, ଯୁଗଳ ବାରିକ, ସରୋଜ ମହାନ୍ତି, ସନ୍ତୋଷ ପାତ୍ର, ଯଶୋବନ୍ତ ରାଉତ, ଶିବ ପ୍ରସାଦ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଯୁଗ୍ମ ଜନଶୁଣାଣି: ୭୦ ଅଭିଯୋଗ

ଜଗତ୍‌ସିଂହପୁର, ୧୫।୭
(ପ୍ରମୋଦ କୁମାର ନାୟକ)

## ୧୬ ଅଭିଯୋଗର ତତ୍କାଳ ଫଇସଲା

ଜିଲା ପ୍ରଶାସନ ପକ୍ଷରୁ ସୋମବାର ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୭୦ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ସର୍ବାଧିକ ୫୯ଟି ଅଭିଯୋଗ ଥିଲା। ଅନ୍ୟ ୧୧ଟି ଗୋଷ୍ଠୀଗତ ଓ ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଥିଲା। ବ୍ୟକ୍ତିଗତ ଅଭିଯୋଗଗୁଡ଼ିକ ମଧ୍ୟରୁ ବିଶେଷକରି ରାଶନ କାର୍ଡ ସମସ୍ୟା ସମ୍ପର୍କିତ ୪, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୬, ଜମିଜମା ସମସ୍ୟା ୧୧, ଭତ୍ତା ୨, ରେଡ୍‌କ୍ରସ ପାଣ୍ଠିରୁ ସହାୟତା ନେଇ ୨, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୨ ଏବଂ ଅନ୍ୟାନ୍ୟ ୧୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଶିବିରରେ ୧୬ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଜିଲାପାଳ ଅନୁପମ ସାହାଙ୍କ ସମେତ ଏସ୍‌ପି ରାହୁଲ ପି.ଆର୍, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଜଗତ୍‌ସିଂହପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ତହସିଲଦାର ତାରେଣୀ ରଞ୍ଜନ ରାୟ, ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

# ଦୁର୍ଘଟଣାରେ ସମବାୟ ସମିତି ବୋର୍ଡ ନିର୍ଦ୍ଦେଶକ ଗୁରୁତର

ରଘୁନାଥପୁର, ୧୫।୭
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଢୁଆ କୃଷି ସେବା ସମବାୟ ସମିତିର ବୋର୍ଡ ନିର୍ଦ୍ଦେଶକ ତଥା ପଞ୍ଚାୟତ ବିଜେଡି ସଭାପତି ବୀରେନ୍ଦ୍ର ସ୍ୱାଇଁ ସଡକ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ସ୍ୱାଇଁ ରବିବାର ରାତି ୧୦ଟାରେ ଏହି ବ୍ଲକ ଅନ୍ତର୍ଗତ ପୂରଣଓସ୍ଥିତ ଏକ ମଣ୍ଡପରୁ ଭୋଜି ଖାଇ ବାହାରୁଥିବାବେଳେ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କ ମୁଣ୍ଡ, ଛାତି ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ତୁରନ୍ତ ସ୍ୱାଇଁଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ୱାଇଁଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି।

# ଠାକୁରଙ୍କ ରହିବା ସ୍ଥାନକୁ ନେଇ ବିବାଦ: ପୋଲିସ ମାଡ଼ରେ ଗ୍ରାମବାସୀ ଆହତ

କୁଜଙ୍ଗ, ୧୫।୭ (ମନୋଜ ପ୍ରଧାନ)

ରଥକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିବା ଓ କୁଜଙ୍ଗ ଥାନା ଅଧିକାରୀ ଗୋଟିଏ ପକ୍ଷକୁ ସମର୍ଥନ ଦେଇ ଅନ୍ୟ ଗୋଷ୍ଠୀର ଲୋକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏପରି ଥାନା ଅଧିକାରୀ ଜଣକ ମହିଳାମାନଙ୍କୁ ମଧ୍ୟ ଛାଡ଼ି ନ ଥିବା ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, କୁଜଙ୍ଗ ଥାନା ଅନ୍ତର୍ଗତ ଗୌରପଡ଼ା କୁମ୍ଭକାର ସାହିରେ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ରଥ ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ରଥରେ ଥିବା ଠାକୁରଙ୍କୁ ସୁଦର୍ଶନ ମୁଦୁଲି ଓ ତାଙ୍କ ସାନ ଭାଇ ବାଦଲ ମୁଦୁଲି ବ୍ୟକ୍ତିଗତଭାବେ ପୂଜା କରନ୍ତି। ଉଭୟ ଭାଇ ଗ୍ରାମବାସୀଙ୍କ ସହଯୋଗରେ ଏଠାରେ ରଥଯାତ୍ରା କରନ୍ତି। ସୁଦର୍ଶନ ଠାକୁର ରାଜା ରୂପେ ଦାୟିତ୍ୱ ନିର୍ବାହ କରନ୍ତି। ଚଳିତ ବର୍ଷ ୨ ଭାଇଙ୍କ ମଧ୍ୟରେ ପାରିବାରିକ କଳହ ଉପୁଜିବାରୁ ପରସ୍ପର ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ଇତିମଧ୍ୟରେ ସାନ ଭାଇ ବାଦଲ ତାଙ୍କ ବ୍ୟକ୍ତିଗତ ଜାଗାରେ ମନ୍ଦିର ନିର୍ମାଣ ଆରମ୍ଭ କରିଛନ୍ତି। ବଡ଼ଭାଇ ସୁଦର୍ଶନ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଠାକୁର ରାଜାଭାବେ ଶ୍ରୀ ଗୁଣ୍ଡିଚାରେ ଛେରାପହଁରା କରିଥିଲେ। ପ୍ରତିବର୍ଷ ଠାକୁର ତାଳଦଣ୍ଡାଠାରେ ଥିବା ମାଉସୀ ମା' ମନ୍ଦିରରୁ ବାହୁଡ଼ି କୁମ୍ଭକାର ସାହିରେ ଥିବା ଘରେ ରୁହନ୍ତି। ସୁନାବେଶ ପରେ ଠାକୁର ପୂଜା ପାଉଥିବା ସ୍ଥାନକୁ ଯାଆନ୍ତି। ଚଳିତ ବର୍ଷ ଠାକୁରଙ୍କୁ ତାଳଦଣ୍ଡାଠାରେ ନିର୍ମାଣାଧୀନ ମନ୍ଦିର ନିକଟରେ ରଖିବାକୁ ଯୋଜନା କରାଯାଇଥିଲା। ଏନେଇ ସୁଦର୍ଶନ ଗଣ୍ଡଗୋଳ ଆଶଙ୍କାରେ ଥାନାରେ ଲିଖିତ ଗୁହାରି କରିଥିଲେ। ଏହାପରେ ରଥଟଣା ସମୟରେ ପୋଲିସ ଉପସ୍ଥିତ ଥିଲେ। ରଥ ଯେତେବେଳେ କୁମ୍ଭାକର ସାହି ଗଡ଼ା ଦେଇ ତାଳଦଣ୍ଡା ଅଭିମୁଖେ ଗଲା, ସେତେବେଳେ ଗ୍ରାମର ମହିଳା ଓ ପୁରୁଷମାନେ ଏହାକୁ ବିରୋଧ କରିଥିଲେ। ପୂର୍ବଭଳି କୁମ୍ଭକାର ସାହିରେ ରଥ ରଖିବାକୁ କହିଥିଲେ। ମାତ୍ର ପୋଲିସ ଅଧିକାରୀ ସେମାନଙ୍କ କଥା ନ ଶୁଣି ସେମାନଙ୍କୁ ମାଡ଼ ମାରି ଆହତ କରିଥିଲେ ବୋଲି ଗ୍ରାମର ଧ୍ରୁବ ପରିଡ଼ା, ଦେବୀ ପ୍ରସାଦ ମୁଦୁଲି, ସୁଦର୍ଶନ ମୁଦୁଲି ପ୍ରମୁଖ କହିଛନ୍ତି। ଏନେଇ ମଙ୍ଗଳବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବେ ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶଙ୍କ ମତାମତ ପାଇଁ ବାରମ୍ବାର ତାଙ୍କ ମୋବାଇଲ ନମ୍ବରକୁ କଲ୍ କରାଯାଇଥିଲେ ମଧ୍ୟ ସେ ଫୋନ୍ ନ ଉଠାଇବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ନାଟକ କ୍ଷେତ୍ରରେ ନାଟ୍ୟଶ୍ରୀଙ୍କ ଅବଦାନ ଅତୁଳନୀୟ

ଜଗତ୍‌ସିଂହପୁର, ୧୫।୭
(ପ୍ରମୋଦ କୁମାର ନାୟକ)

## ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ୯୬ତମ ଜୟନ୍ତୀ

ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ୯୬ତମ ଜୟନ୍ତୀ ଉତ୍ସବ ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦ ସଭାପତି ବଦ୍ରି ନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ଏମ୍‌ପି ବିଭୁପ୍ରସାଦ ତରାଇ ଅତିଥି ଭାବେ ଯୋଗଦେଇ ନାଟକ କ୍ଷେତ୍ରରେ ନାଟ୍ୟଶ୍ରୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ କୁମାର ମିଶ୍ର, ସମ୍ମାନିତ ବକ୍ତାଭାବେ ହରପ୍ରସାଦ ବାରିକ, ସୁରେଶ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ଓ ଅଲେଖ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ନାଟ୍ୟଶ୍ରୀଙ୍କ ଅଭିନୀତ ନାଟକ ବେଗମ୍ ଆସମାନ ତାରା, ସହିଦ ବୀର, ଛାଇ ଆଲୁଅ ଓ ସାବତ ମା' ନାଟକ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅଭିନୟ ଓ କଳା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା କେତେଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଅଧ୍ୟାପକ ଭଗବାନ ବିଶ୍ୱାଳ ଅତିଥି ପରିଚୟ ଓ ଶେଷରେ ବିଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ତପନ କୁମାର ରାଉତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଜୟ ଗୋଛାୟତ, ସରୋଜ ମହାପାତ୍ର, ଅରୁଣ ରାଉତରାୟ ଓ ଦୀପକ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ, ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି କଳା ପ୍ରତିଷ୍ଠାନ ଓ ସୃଷ୍ଟି ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଅତିଥିମାନେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ମହାପ୍ରୟାଣ ଗାଡ଼ି ସବୁବେଳେ ଅଚଳ

■ ମୃତଦେହକୁ ବେସରକାରୀ ଆମ୍ବୁଲାନ୍ସ ଭରସା
■ ମୃତକ ପରିବାର ହେଉଛନ୍ତି ଖର୍ଚ୍ଚାନ୍ତ

ନୟାଗଡ଼,୧୫।୭(ଲୋକନାଥ ମିଶ୍ର)

ମୃତଦେହ ଘରେ ପହଞ୍ଚାଇବା ପାଇଁ ସରକାର ମହାପ୍ରୟାଣ ଗାଡି ଯୋଗାଇଛନ୍ତି। ହେଲେ ନୟାଗଡ଼ ଜିଲାରେ ମହାପ୍ରୟାଣ ଗାଡି ସବୁବେଳେ ଅଚଳ ହୋଇ ପଡି ରହୁଛି। ପ୍ରଶ୍ନ ଉଠୁଛି ଯଦି ମହାପ୍ରୟାଣ ଗାଡି ସବୁବେଳେ ଖରାପ ତେବେ ମରାମତି କାହିଁକି କରାଯାଇ ସରକାରୀ ଟଙ୍କା ଅପବ୍ୟୟ ହେଉଛି। ଅପରପକ୍ଷେ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଘରକୁ ନେବା ବେଳକୁ ସବୁବେଳେ ମୃତକ ପରିବାର ଅଯଥା ଖର୍ଚ୍ଚାନ୍ତ ହୋଇ ପ୍ରାଇଭେଟ ଆମ୍ବୁଲାନ୍ସ ଉପରେ ନିର୍ଭର କରୁଛନ୍ତି। ମୃତଦେହକୁ ନେବାକୁ ପ୍ରାଇଭେଟ ଆମ୍ବୁଲାନ୍ସ ମନଇଛା ଟଙ୍କା ଫିକ୍ସ କରି ରୋଗୀଙ୍କ ପରିବାରକୁ ଶୋଷୁଛନ୍ତି।

ପ୍ରତି ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ଲେଖାଏ ମହାପ୍ରୟାଣ ଗାଡ଼ି ସରକାର ଯୋଗାଇ ଦେଇଛନ୍ତି। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ମହାପ୍ରୟାଣ ଗାଡିର ତଦାରଖ ନୟାଗଡ଼ ମ୍ୟୁନିସିପାଲିଟି କରୁଛି। ତେବେ ମହାପ୍ରୟାଣ ଗାଡି ସବୁବେଳେ ଅଚଳ ରହୁଛି। ମୃତଦେହକୁ ଘରକୁ ନେବାକୁ ମୃତକ ପରିବାର ମହାପ୍ରୟାଣ ଗାଡି ଡ୍ରାଇଭରଙ୍କୁ ଯୋଗାଯୋଗ କଲେ ଉତ୍ତର ମିଳୁଛି ଆଜ୍ଞା ଗାଡି ଖରାପ ଅଛି। ପ୍ରାଇଭେଟ ଆମ୍ବୁଲାନ୍ସ ଦେଖନ୍ତୁ। ସବୁବେଳେ ଖରାପ ଶୁଣି ଲୋକେ ଆଉ ମହାପ୍ରୟାଣ ଗାଡି ଡ୍ରାଇଭରଙ୍କୁ ଯୋଗାଯୋଗ କରୁନାହାନ୍ତି। ଏ ନେଇ ବୋଲଗଡ ଅଞ୍ଚଳର ସୁଦାମ ପ୍ରଧାନ କହିଛନ୍ତି ମୋର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହେଲା। ରାତିରେ ମହାପ୍ରୟାଣ ଗାଡି ଡ୍ରାଇଭରଙ୍କ ସହ ଯୋଗାଯୋଗ ପରେ ଗାଡି ଖରାପ ଅଛି କହିଥିଲେ। ପରେ ସରକାରୀ ଦେୟଠାରୁ ଦେଢ଼ ଗୁଣା ଅଧିକ ଦେଇ ବେସରକାରୀ ଆମ୍ବୁଲାନ୍ସରେ ମୃତଦେହକୁ ନେବାକୁ ପଡିଲା। ଯଦି ମହାପ୍ରୟାଣ ଗାଡି ସବୁବେଳେ ଖରାପ ଅଛି, ତେବେ ସରକାର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ମହାପ୍ରୟାଣ ଗାଡି ହଟାଇବା ଦରକାର। ଦଶପଲ୍ଲା ଅଞ୍ଚଳର ସୁଦାମ ସ୍ୱାଇଁ, ଭାପୁରର ମାନସ ନାୟକ କହିଛନ୍ତି, ନୟାଗଡ଼ରେ ମହାପ୍ରୟାଣ ଗାଡିର ସେବା ମିଳୁନି। ଜିଲା ମୁଖ୍ୟ ଚିକିତ୍ସାଳୟର ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟସ୍ଥିତ ମେଡିସିନ ୱାର୍ଡରେ ମହାପ୍ରୟାଣ ଗାଡି ଖରାପ ଥିବା ଦେଖି ପ୍ରାଇଭେଟ ଆମ୍ବୁଲାନ୍ସରେ ସମ୍ପର୍କୀୟଙ୍କ ମୃତଦେହ ଘରକୁ ନେଉଛୁ। ସରକାର ପୁରୁଣା ମହାପ୍ରୟାଣ ଗାଡି ହଟାଇ ନୂଆ ଗାଡି ଯୋଗାଇବା ଦରକାର ବୋଲି କହିଛନ୍ତି।


ଓଡଗାଁରେ ରଥାରୂଢ଼ ୩ ଠାକୁରଙ୍କୁ ସୋମବାର ବ୍ରହ୍ମକମଳ ଫୁଲ ଲାଗି କରାଯାଇଛି।

## ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ଗଞ୍ଜାମ,୧୫।୭(ବିଦ୍ୟାଧର ସାହୁ )

ଗଞ୍ଜାମ ଏନ୍ଏସି ଅଧୀନରେ ଥିବା ବିଭିନ୍ନ ପୋଖରୀ ଗୁଡିକର ସୌନ୍ଦର୍ଯ୍ୟକରଣ ଏବଂ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ପୋଖରୀରୁ ପଙ୍କ ବାହାର କରାଯାଉଛି। ଏହି କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ପୋଖରୀ ଓ ପୋଖରୀ ହିଡ଼ର ମାଟିକୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଥିଲା। ବର୍ତ୍ତମାନ ପୋଖରୀକୁ ସଂକୋଚିତ କରାଯିବା ସହ ବିଭିନ୍ନ ତୁଠ ବନ୍ଦ କରାଯାଉଥିବା ଅଭିଯୋଗ ହୋଇଛି। ସହର ନିକଟସ୍ଥ କଲେଜ ରୋଡ଼ଠାରେ ଥିବା ଦାସ ବନ୍ଧର ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା ହେଉଥିବା ରାଉଳ ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ପୋଖରୀ ଭିତରୁ ଚାରିପଟୁ ଠିକ୍ ଭାବେ ପଙ୍କ ବାହାର କରାଯାଇନଥିବା ଏବଂ ତାହାର ଆୟତନ ଛୋଟ ହେଉଥିବା ସାହି ବାସିନ୍ଦା ଅଭିଯୋଗ ଆଣିଛନ୍ତି। ଏନେଇ ଏକ ଲିଖିତ ଦାବିପତ୍ର ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ପୋଖରୀ ଉପରେ ରାଉଳ ସାହି ସମେତ ସାମନ୍ତରା ସାହି, ବାଲି ସାହି, ସାନବଜାର ଓ ଦାମୋଦରପୁର ଆଦି ଅଞ୍ଚଳର ଲୋକମାନେ ନିର୍ଭର କରିଥାନ୍ତି। ଲୋକଙ୍କ ହିତ ଦୃଷ୍ଟିରୁ ଏହାର ପୁନରୁଦ୍ଧାର କରାଯିବା ବଦଳରେ ତୁଠଗୁଡିକ ଉଚ୍ଛେଦ କରାଯାଉଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ପୂର୍ବ ଭଳି ମହିଳା ଗାଧୁଆ ତୁଠ ଓ ପୁରୁଷ ଗାଧୁଆ ତୁଠ ଏବଂ ଶୌଚ ତୁଠ ଆଦି ରଖିବାକୁ ସାହି ବାସିନ୍ଦା ଦାବି କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଜୟପ୍ରକାଶ


@ କଶିସ ହଲନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଶ୍ୱ ଯୁବ ଦକ୍ଷତା ଦିବସ


ବିଶ୍ୱ ଯୁବ ଦକ୍ଷତା ଦିବସରେ କୃତୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ନୟାଗଡ଼,୧୫।୭(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ୍ ଖୁଣ୍ଟୁବନ୍ଧସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ବିଶ୍ୱ ଯୁବ ଦକ୍ଷତା ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁରାଳର ପ୍ରକୃତିବନ୍ଧୁ ସୁକାନ୍ତ ଚନ୍ଦ୍ର ଚୌଧୁରୀ ଯୋଗଦେଇ ବିଶ୍ୱ ଯୁବ ଦକ୍ଷତା ଦିବସର ବାର୍ତ୍ତା 'ଶାନ୍ତି ଏବଂ ନିରନ୍ତର ବିକାଶ ପାଇଁ ଯୁବ କୌଶଳ' ସହିତ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ମୁକ୍ତ କ୍ୟାମ୍ପସ୍ ଉପରେ ଟିପଣି ଦେଇଥିଲେ। ଶିଳ୍ପ ତାଲିମ କେନ୍ଦ୍ର ପରିସର ମଧ୍ୟରେ ଚାରାରୋପଣ, ଏକକ ବ୍ୟବହୃତ ପ୍ଲାଷ୍ଟିକ ସଂଗ୍ରହ, ରକ୍ତଦାନ ସହ ପେଣ୍ଟିଂ ଏବଂ କୁଇଜ୍ ଭଳି ବିଭିନ୍ନ ପ୍ରକାରର ପ୍ରତିଯୋଗିତାର ଆୟୋଜନ ମଧ୍ୟ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଉତ୍ସବରେ ସୁନ୍ଦର ନୃତ୍ୟଗୀତ ସହ ଦିବସଟିକୁ ଅତି ଆନନ୍ଦଉଲ୍ଲାସର ସହ ପାଳନ କରିଥିଲେ।

## ପତିତପାବନଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ



ଖଣ୍ଡପଡ଼ା,୧୫।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳାସ୍ଥ ମଧୁକର୍ଣ୍ଣିକା ପାହାଡ଼ ଉପରେ ବିରାଜିତ ଗୋକୁଳାନନ୍ଦ ଠାକୁରଙ୍କ ସମ୍ମୁଖରେ ଥିବା ପତିତପାବନଙ୍କ ଦ୍ୱାଦଶ ବାର୍ଷିକ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋମବାର ପ୍ରାତଃ କାଳରୁ ସ୍ନାନ, ମଇଲମ ଆଦି ଦୈନନ୍ଦିନ ସେବା ପରେ ନୂତନ ବସ୍ତ୍ର ପରିଧାନ କରାଯାଇ ଷୋଡ଼ଶ ଉପଚାରରେ ପୂଜା ଓ ହୋମ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ନିକଟରେ ପ୍ରସାଦ ଲାଗି ହୋଇଥିଲା। ଶ୍ରୀଜୀଉମାନଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁମାନଙ୍କ ଭିଡ ଲାଗି ରହିଥିଲା। ପୂଜକ ଅଖିଳ କୁମାର ପାଣି ଓ ସମ୍ପାଦକ ଚନ୍ଦ୍ର ଶେଖର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

## ବର୍ଷେହେଲା ବସିନି ଜନ ଆରୋଗ୍ୟ ସମିତି ବୈଠକ

ଖଣ୍ଡପଡ଼ା,୧୫।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଥିଲେ ହେଁ ଏହାର ସମାଧାନ ଦିଗରେ ନୟାଗଡ଼ ଜିଲା ପ୍ରଶାସନ ନତୁବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆବଶ୍ୟକୀ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଅପରପକ୍ଷେ ନିୟମିତ ଭାବେ ଜନ ଆରୋଗ୍ୟ ସମିତି ବୈଠକ ବସୁ ନ ଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇପାରୁନାହିଁ। ଫଳରେ ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ମିଳିଥିବା ସୂଚନା ମୁତାବକ ୨୦୨୩ ମାର୍ଚ୍ଚ ୨୩ରେ ଶେଷଥର ପାଇଁ ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜନ ଆରୋଗ୍ୟ ସମିତି ୨ୟ ବୈଠକ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଆଉ ବୈଠକ ବସି ନ ଥିବା ଏ ବାବଦ ଅନୁଦାନ ଅର୍ଥ ବିନିଯୋଗ ହୋଇ ନ ପାରି ଆକାଉଣ୍ଟରେ ପଡି ରହିଛି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ବହୁ ଆବଶ୍ୟକ ଯନ୍ତ୍ରାଂଶ ଓ ସାମଗ୍ରୀମାନ କ୍ରୟ କରିବାରେ ବାଧକ ସାଜିଛି। ବିଶେଷ କରି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଲାବରେଟୋରି ଗୃହରେ ରହିଥିବା ବହୁ ମୂଲ୍ୟବାନ ଯନ୍ତ୍ରାଂଶଗୁଡିକ ବିଦ୍ୟୁତ୍ ଦ୍ୱାରା ପରିଚାଳନା ହେଉଛି। କଣ୍ଟିଲୋ ଅଞ୍ଚଳରେ ଯେପରି ଭାବେ ବିଦ୍ୟୁତ୍‌କାଟ ସାଙ୍ଗକୁ ଲୋଭୋଲଟେଜ ସମସ୍ୟା ଲାଗି ରହିଛି ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶଗୁଡିକ ନଷ୍ଟ ହେବାର ବହୁ ସମ୍ଭାବନା ରହିଛି। ଜନ ଆରୋଗ୍ୟ ସମିତି ବୈଠକ ବିନା ଏସବୁ ସମସ୍ୟାର ସମାଧାନ କରିବା ବିଭାଗୀୟ ଅଧିକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ରୋଗୀ କଲ୍ୟାଣ ସମିତି ବୈଠକ ନିୟମିତ ଭାବେ ଆୟୋଜନ କରିବା ନିମନ୍ତେ ସରକାରଙ୍କ ନିର୍ଦ୍ଦେଶନାମା ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଆଭାବ ଓ ଅସୁବିଧା ସମ୍ପର୍କରେ ଜନ ଆରୋଗ୍ୟ ସମିତି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା କଥା। ମାତ୍ର ବୈଠକ ଅନୁଷ୍ଠିତ ହେଉ ନ ଥିବାରୁ କୌଣସି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇପାରୁନାହିଁ କି ନୀତିଗତ ଭାବେ ନିଷ୍ପତ୍ତି ନିଆଯାଇ ପାରୁ ନ ଥିବା ଜଣାପଡିଛି। ତେଣୁ ଏଥିପ୍ରତି ପ୍ରଶାସନ ଓ ସ୍ଥାନୀୟ ବିଧାୟକ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭିଷାର ପଣ୍ଡାଙ୍କୁ ପଚାରିବାରେ ଚଳିତ ମାସ ଶେଷ ସୁଦ୍ଧା ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ଟ୍ରେନରୁ ମୃତଦେହ ଜବତ

ବ୍ରହ୍ମପୁର,୧୫।୭(ସୁବାସ ଚନ୍ଦ୍ର ପାଢ଼ୀ)

କନ୍ୟାକୁମାରୀଠାରୁ ସାଲିମାର ଆସୁଥିବା ଏକ ଟ୍ରେନରେ ଯାତ୍ରା କରୁଥିବା ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସପିଟାଲ ପଠାଇଛି। ମୃତକଙ୍କ ପରିଚୟ ମିଳିନଥିବାବେଳେ ତାଙ୍କ ବୟସ ଆନୁମାନିକ ୫୦ ବର୍ଷ ହେବ ବୋଲି କୁହାଯାଇଛି। ମୃତକ ଜଣକ ଗଞ୍ଜାମ କିମ୍ବା ପଡୋଶୀ ଜିଲାର ହୋଇଥିବା ବିଶାଖାପାଟଣାର ସରକାରୀ ରେଳବାଇ ପୋଲିସଠାରୁ ସୂଚନା ମିଳିଛି। ବିଶାଖାପାଟଣା ପୋଲିସ ଏ ସଂକ୍ରାନ୍ତରେ ୧୭୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକଙ୍କ ପରିଚୟ ସ୍ପଷ୍ଟ ପାଇଁ ମୃତଦେହକୁ ସଂରକ୍ଷଣ ଗୃହରେ ରଖାଯାଇଛି। କନ୍ୟାକୁମାରୀଠାରୁ ସାଲିମାର ଯାଉଥିବା ଏକ ଟ୍ରେନ ବିଶାଖାପାଟଣା ରେଳ ଷ୍ଟେଶନରେ ଅଟକିଥିଲା। ସେଠାରେ ଜଣେ ଯାତ୍ରୀ ହଠାତ୍ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଜିଆରପି ପୋଲିସ ସେଠାକାର ହସପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେଲେ ମୃତକଙ୍କ ପକେଟରୁ ମିଳିଥିବା କେତେକ କାଗଜରେ ତାଙ୍କ ସମ୍ପୂର୍ଣ୍ଣ ନାମ ଜଣାପଡିନଥିଲେ ବି ସେ ଗଞ୍ଜାମ ଜିଲା କିମ୍ବା ଆଖପାଖ ଅଞ୍ଚଳର ହୋଇଥିବା ସନ୍ଦେହ କରାଯାଉଛି ବୋଲି ଉକ୍ତ ଥାନାରେ ମୁଖ୍ୟ କନଷ୍ଟେବଳ ଟି.ଶ୍ରୀନିବାସ ରାଓ ସୂଚନା ଦେଇଛନ୍ତି।

## ମା' ବ୍ରାହ୍ମଣୀଦେବୀଙ୍କ ବାର୍ଷିକ ଉତ୍ସବ



ଖଣ୍ଡପଡ଼ା,୧୫।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଖଳିସାହି ପଞ୍ଚାୟତ ଅଧୀନ ପୁଆଣିଆ ଗ୍ରାମର ଆରାଧ୍ୟା ମା' ବ୍ରାହ୍ମଣୀ ଦେବୀଙ୍କ ପ୍ରଥମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଅତିଥି ଭାବେ ଯୋଗଦେବା ସହ ସ୍ଥାନୀୟବାସୀଙ୍କୁ ମନ୍ଦିର ସମ୍ପର୍କରେ ପଚାରି ବୁଝିଥିଲେ। ସକାଳୁ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହିପରି ସନ୍ଧ୍ୟାରେ ପୌରାଣିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ପଟ୍ଟନାୟକ, ସାମାଜିକ କର୍ମୀ ଶିବ ଶଙ୍କର ସାହୁ, ସାମାଜିକ କର୍ମୀ ସଞ୍ଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନ ରୋକିପାରୁନି ଅନୈତିକ ନିଶା ସେବନ



ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଅନ୍ୟମାନେ।

ନୟାଗଡ଼,୧୫।୭(ଲୋକନାଥ ମିଶ୍ର)

ନିଶା ସେବନ ବିରୋଧରେ ସଚେତନତା

କେନ୍ଦ୍ର ସରକାରଙ୍କ ପାଇଁ ନଶା ମୁକ୍ତ ଭାରତ ଏକ ଚ୍ୟାଲେଞ୍ଜ ଥିବାବେଳେ, ବିଭିନ୍ନ ରାଜ୍ୟରେ ଅନୈତିକ ନିଶା କାରବାର ଦେଶର ମେରୁଦଣ୍ଡକୁ ଦୁର୍ବଳ କରିଦେଉଛି। ଏହି ଅନୈତିକ ନିଶା କବଳରେ ଓଡ଼ିଶାର ଛାତ୍ର ଓ ଯୁବପିଢି ଦିନକୁ ଦିନ ଛନ୍ଦି ହୋଇ ଯାଉଛନ୍ତି। ନିଶା ପାଇଁ କ୍ୟାନସର, କିଡନୀ ଜନିତ ରୋଗ ଏବଂ ମାନସିକ ବିକାରଗ୍ରସ୍ତ ପ୍ରଭୃତିର ଶିକାର ହେଉଛନ୍ତି। କେହି ଯୁବକ ଅପରାଧ ଦୁନିଆକୁ ଆପଣେଇ ନେଉଥିବା ଦେଖିବାକୁ ମିଳୁଛି। ସରକାର ଏଥିପ୍ରତି କଠୋର ଆଇନ୍ ବ୍ୟବସ୍ଥା କରିଥିଲେ ମଧ୍ୟ, ସଚେତନତା ଅଭାବ ଯୋଗୁ ଏହାର ପ୍ରଭାବ ନିମ୍ନଗାମୀ ହୋଇପଡିଛି। ଏଭଳିସ୍ଥିତିରେ ଓଡ଼ିଶାର ସ୍ୱେଚ୍ଛାସେବୀ ସଙ୍ଗଠନ ମା' ଫାଉଣ୍ଡେଶନ ଓ ବାଣୀଧାରା ନୟାଗଡ଼ଠାରେ ଅନୈତିକ ନିଶା ସେବନ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବାହୁଡା ଯାତ୍ରା ଅବସରରେ ପ୍ରଥମେ ଚାରା ରୋପଣ କାର୍ଯ୍ୟକ୍ରମ ପରେ ନୟାଗଡ଼ ରଥ ଦାଣ୍ଡରେ ସଙ୍ଗଠନର ସ୍ୱେଚ୍ଛାସେବୀମାନେ ଅନୈତିକ ନିଶା ବିରୋଧୀ ସ୍ଲୋଗାନ ଦେଇଥିଲେ। ଏଥିସହ ନିଶା ସେବନର ଅପକାରିତା ବିଷୟରେ ଛାତ୍ର ଏବଂ ଯୁବକମାନଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦାର ଓ ନୟାଗଡ଼ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡା ଯୋଗଦେଇ ନିଶାର ଭୟାବହତା ଉପରେ ଟିପଣି ଦେଇଥିଲେ। କାର୍ଯ୍ୟକ୍ରମରେ ନୟାଗଡ଼ର ବିଭିନ୍ନ ସ୍ୱେଚ୍ଛାସେବୀ ଏବଂ ବୁଦ୍ଧିଜୀବୀମାନେ ଯୋଗ ଦେଇଥିବା ବେଳେ ବରିଷ୍ଠ ସାମାଜିକ କର୍ମୀ ଦାମ ସାର୍, ସୌମ୍ୟ ରଞ୍ଜନ ପ୍ରଧାନ, ପ୍ରକୃତି ବନ୍ଧୁ ସୁକାନ୍ତ ଚୌଧୁରୀ, ସାମାଜିକ କର୍ମୀ କାମାକ୍ଷା ପ୍ରସାଦ ଦାସ, ରେଡକ୍ରସ ଭଲେଣ୍ଟିଅର ଫୋରମର ମୁଖ୍ୟ ବିଭୂତି ଭୂଷଣ ପଟ୍ଟନାୟକ, ମାନସ ମହାପାତ୍ର, ଗୋପୀନାଥ ସେଠୀ, ବିଷ୍ଣୁ ପ୍ରସାଦ ପଟ୍ଟନାୟକ, ବିଜୟାନନ୍ଦ ମହାପାତ୍ର, ପ୍ରତାପ ଷଡ଼ଙ୍ଗୀ, ବିପ୍ଳବ ସତ୍ୟସୁନ୍ଦର ଦାସ, ସୁଶାନ୍ତ ପଟ୍ଟନାୟକ, ମନୋଜ ସାମନ୍ତରାୟ, ଲକି ପଣ୍ଡା ପ୍ରଭୃତି ଯୋଗ ଦେଇଥିଲେ। ଏହାକୁ ମା' ଫାଉଣ୍ଡେଶନର ସମ୍ପାଦକ ରଞ୍ଜନ ରଶ୍ମି ଜେନା ପରିଚାଳନା କରୁଥିବାବେଳେ ବାଣୀଧାରାର ପରିଚାଳନା ଟ୍ରଷ୍ଟି ଆଇନଜୀବୀ ଗତିକୃଷ୍ଣ ଶତପଥୀ ଏହାର ରୂପରେଖ ପ୍ରସ୍ତୁତ କରିଥିଲେ।

